ଧରିତ୍ରୀ
DHARITRI
February 23 - March 01, 2025 ₹ 2/-
ଧରିତ୍ରୀ 51 Years
ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଶତାୟୁଙ୍କ କଥା

ଏମାନେ ସମସ୍ତେ ଶତାୟୁ। ତଥାପି ବେଶ୍ ସୁସ୍ଥ ଓ ଚଳଚଞ୍ଚଳ। ଆଉ ଏହି ସୁସ୍ଥତାର ଶ୍ରେୟ ସେମାନେ ଦିଅନ୍ତି ନିଜର ଖାଦ୍ୟପେୟ ଓ ଜୀବନଶୈଳୀକୁ ...



# ମହାଶିବରାତ୍ରିରେ କ'ଣ କଲେ ଶୁଭ ହୁଏ...

ବିଶ୍ୱାସ ରହିଛି, ମହାଶିବରାତ୍ରୀ ଭଳି ପବିତ୍ର ଦିନରେ ଭଗବାନ ଶିବଙ୍କୁ ନିଷ୍ଠାର ସହ ସୁମରଣା କଲେ ମନକୁ ଶାନ୍ତି ମିଳିବା ସହ ମନୋସ୍କାମନା ପୂରଣ ହୋଇଥାଏ । ତା'ଛଡ଼ା ଏମିତି ବି କିଛି କାମ ରହିଛି ଯାହାକୁ ଏହି ଦିନରେ କଲେ ପ୍ରଭୁଙ୍କର କରୁଣା ପ୍ରାପ୍ତି ହୋଇଥାଏ...

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ମହାଶିବରାତ୍ରୀ ଭଳି ପବିତ୍ର ଦିନରେ ବ୍ରାହ୍ମମୁହୂର୍ତ୍ତରୁ ଉଠି ସ୍ନାନ ସାରି ଲାଜକୁଳି ଲତା ଗଛ ଲଗାଇବା ଶୁଭ ହୋଇଥାଏ । ତା'ସହିତ ଏହି ଗଛ ମଧ୍ୟରେ ଏକ ଶିବଲିଙ୍ଗକୁ ସ୍ଥାପନ କରି ପ୍ରତିଦିନ ଶ୍ରଦ୍ଧାର ସହ ଜଳ ହେଉ ଅବା କ୍ଷୀର ଅର୍ପଣ କଲେ ପ୍ରଭୁ କୃପା ମିଳିବା ସହ ଶନିଦେବଙ୍କର କୁଦୃଷ୍ଟି ଦୂରେଇ ଯାଏ ବୋଲି ବିଶ୍ୱାସ



କରାଯାଏ ।

✲ ଭଗବାନ ଶିବଙ୍କର ବେଲଗଛ ଓ ବେଲପତ୍ର ବି ଖୁବ୍ ପ୍ରିୟ । ଶିବ ପୁରାଣ ଅନୁଯାୟୀ, ଯେଉଁ ସ୍ଥାନରେ ବେଲଗଛଟିଏ ଥାଏ, ସେହି ସ୍ଥାନଟି ଖୁବ୍ ପବିତ୍ର ହୋଇଥାଏ । ତେଣୁ ବେଲଗଛ ଲାଗିଥିବା ସ୍ଥାନରେ ପ୍ରତିଦିନ ବିଶେଷକରି ମହାଶିବରାତ୍ରୀ ଦିନ ଜଳ ଢାଳିଲେ ମହାଦେବଙ୍କର କରୁଣା ପ୍ରାପ୍ତି ହେବା ସହ ପରିବାରରେ ସୁଖସମୃଦ୍ଧି ବଢିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

✲ ଭଗବାନ ଶିବ ହେଉଛନ୍ତି ପୂର୍ଣ୍ଣତାର ପ୍ରତୀକ । ଏହି ପବିତ୍ର ଦିନରେ ଠାକୁର ଘରର ଉତ୍ତରପଟ କାନ୍ଥରେ ଭଗବାନ ଶିବ ଓ ତାଙ୍କ ପରିବାରର ଫଟୋ ଲଗାଇ ପବିତ୍ର ମନରେ ତାହାକୁ ନିୟମିତ ପୂଜାକଲେ ପ୍ରଭୁକୃପା ମିଳିବା ସହ ପରିବାରରେ ଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨୩- ମାର୍ଚ୍ଚ ୧

**ମେଷ**
ବନ୍ଧୁମାଧ୍ୟମରେ ଶୁଭଖବର ପାଇବେ, ପରିଜନ ସହ ଯାତ୍ରା, କର୍ମକ୍ଷେତ୍ରରେ ଗୌରବ, ପଡୋଶୀଙ୍କ ଭୁଲ୍ ବୁଝାମଣା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମ, ଜମିଜମା ବିବାଦ, ପରିବହନରେ ସମସ୍ୟା ॥

**ବୃଷ**
ପାରିବାରିକ ସମସ୍ୟା, ଦୃଢ ପଦକ୍ଷେପ ନେବେ, ବିବାଦ ଦୂରେଇଯିବ, ପଡୋଶୀଙ୍କ ସୁପରାମର୍ଶ, ଉପରିସ୍ଥଙ୍କ ଅନୁକମ୍ପା, ସହକର୍ମୀଙ୍କ ଉଦାରତା, ମନୋରଞ୍ଜନ କାର୍ଯ୍ୟାରମ୍ଭ, ଦୂରଯାତ୍ରାର ଆୟୋଜନ, ବନ୍ଧୁମିଳନରୁ ଆନନ୍ଦ ॥

**ମିଥୁନ**
ଅନୁକୂଳ ପରିସ୍ଥିତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବ୍ୟବସାୟରେ ଉତ୍କର୍ଷତା, ପ୍ରଶାସନିକ ତତ୍ପରତା, ସାମ୍ବାଦିକତାରୁ ଗୌରବ, ଫଳପ୍ରଦ ଆଲୋଚନା, ଧନହାନୀରୁ ମନସ୍ତାପ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ପଡୋଶୀଙ୍କ ଅସହଯୋଗ ॥

**କର୍କଟ**
ସ୍ଥଗିତ କାର୍ଯ୍ୟାରମ୍ଭ, ଭୋଗବିଳାସରେ ବାଧା, ବନ୍ଧୁସମ୍ପର୍କ ଯୋଡିବେ, ଅର୍ଥନୈତିକ ଅଭିବୃଦ୍ଧି, ବଚସାରୁ କଳହ, ପାରିବାରିକ ସମର୍ଥନ, ବ୍ୟବସାୟରେ ବିତର୍କ, ବନ୍ଧୁମିଳନ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, କ୍ରନିକ୍ ରୋଗରେ ପୀଡା ॥

**ସିଂହ**
ସୁସ୍ଥ ମାନସିକତା, ଅଭିଳାଷ ପୂରଣ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ପରାମର୍ଶ, ସମସ୍ୟା ସମାଧାନ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅପ୍ରିୟ ସତ୍ୟରୁ କଳହ, ପାରିବାରିକ ସୌଖ୍ୟ, ଭୋଗ ବିଳାସ, ପରିଜନ ସହ ଭ୍ରମଣ, ଧାରକରଜ କରିବେ ॥

**କନ୍ୟା**
ନୂତନ ଯୋଜନାରମ୍ଭ, ଆକସ୍ମିକ ପ୍ରତିବନ୍ଧକ, ଆର୍ଥିକ ଦୂରାବସ୍ଥା, ମାନସିକ ଦୁଃଶ୍ଚିନ୍ତା, ସୁସମ୍ପର୍କରେ ବାଧା, ବ୍ୟବସାୟିକ ଉନ୍ନତି, ଶିଳ୍ପରେ ପ୍ରତିବନ୍ଧକ, ପରିବାରରୁ ପ୍ରତିରୋଧ, ସଭାସମିତିକୁ ନିମନ୍ତ୍ରଣ, ରାଜନୈତିକ ସଂଘର୍ଷ, କଳାକାରିଗରୀରୁ ପ୍ରଶଂସା ॥

**ତୁଳା**
ସାମାଜିକ ସମ୍ମାନ, ବନ୍ଧୁଙ୍କ ସଦ୍‌ଭାବନା, ସାଂସ୍କୃତିକ କାର୍ଯ୍ୟକୁ ନିମନ୍ତ୍ରଣ, ସହକର୍ମୀଙ୍କ ଈର୍ଷା, ପାରିବାରିକ ତିକ୍ତତା, ପ୍ରକାଶନରେ ବିଳମ୍ବ, ଦୂରଯାତ୍ରାର ସୁଯୋଗ, ସାହିତ୍ୟକୃତିରୁ ସମ୍ମାନ, ଯୋଗଶିକ୍ଷାରେ ରୁଚି ॥

**ବିଛା**
ଶାରୀରିକ ସୁସ୍ଥତା, ସମୟୋଚିତ କାର୍ଯ୍ୟ, ପାରିବାରିକ ସମର୍ଥନ, ବନ୍ଧୁଙ୍କ ଆନ୍ତରିକତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, କର୍ମଜଞ୍ଜାଳ ବୃଦ୍ଧି, ମନ ଭାରାକ୍ରାନ୍ତ ରହିବ, ଗୁରୁବର୍ଗଙ୍କ ସାନ୍ତ୍ୱନା, ଭ୍ରମଣଜନିତ କ୍ଳାନ୍ତି, ସମ୍ପର୍କୀୟଙ୍କ ସହୃଦୟତା, ପରୋକ୍ଷ ଶତ୍ରୁତା ॥

**ଧନୁ**
କର୍ମକ୍ଷେତ୍ରରେ ଗୌରବ ବୃଦ୍ଧି, ମୂଲ୍ୟବାନ୍ ଦ୍ରବ୍ୟଲାଭ, ଭ୍ରାତୃସମ୍ପର୍କରେ ଉନ୍ନତି, ଆତ୍ମୀୟଙ୍କ ଅପପ୍ରଚାର, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ ଲାଭ, ସରକାରୀ ସହୟତା, ଶୁଭଖବର ପ୍ରାପ୍ତି, ପାରିବାରିକ ମତଭେଦ ॥

**ମକର**
କାର୍ଯ୍ୟସିଦ୍ଧିରୁ ଆଶ୍ୱସ୍ତି ଲାଭ, ଭ୍ରମଣରୁ ଆନନ୍ଦ, ନିୟନ୍ତ୍ରିତ ସମସ୍ୟା, ଶତ୍ରୁତାର ସମାଧାନ, ପରିସ୍ଥିତି ସୁଧୁରିବ, କଚେରୀ ମାମଲାରେ ବିଳମ୍ବ, ଶୁଣାଣିରେ ବିଳମ୍ବ, ସନ୍ତାନଙ୍କ ବିଶୃଙ୍ଖଳା, ସାଂଗଠନିକ ତତ୍ପରତା, ରଚନାତ୍ମକ କାର୍ଯ୍ୟ, ଅଧ୍ୟୟନରେ ଏକାଗ୍ରତା ॥

**କୁମ୍ଭ**
ପ୍ରୀତିପ୍ରଦ ଯାତ୍ରା, ବୈଷୟିକ ଅଭିବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ଋଣ ପରିଶୋଧ, ସ୍ତ୍ରୀଙ୍କ ସୁପରାମର୍ଶ, ଗୁରୁଜନଙ୍କ ପ୍ରେରଣା, ପାରିବାରିକ ଶୃଙ୍ଖଳା, ବିଦେଶଯାତ୍ରା, କ୍ରୀଡା ନୈପୁଣ୍ୟତା, ଚଳଚ୍ଚିତ୍ରରେ ସୁନାମ ॥

**ମୀନ**
ସହଯୋଗର ପ୍ରତିଶ୍ରୁତି, କାର୍ଯ୍ୟସିଦ୍ଧିର ଆଶା, ବିବାଦର ଅବସାନ, ନୂତନବନ୍ଧୁ ସମ୍ପର୍କ, ମନୋରଞ୍ଜନର ମଉକା, ପ୍ରିୟଜନଙ୍କ ସାନ୍ନିଧ୍ୟ, ଆର୍ଥିକ ଦୂରବସ୍ଥା, ଗୁରୁବର୍ଗଙ୍କ ପ୍ରେରଣା, ଧର୍ମକାର୍ଯ୍ୟରେ ନିଯୁକ୍ତି, ଚାକିରି ଅଫର ପ୍ରାପ୍ତି, ମିଥ୍ୟାଭିଯୋଗ ଆସିପାରେ ॥

# ବେଲ ଗଛର ବାସ୍ତୁ ମହତ୍ତ୍ୱ ...

ବେଲପତ୍ରକୁ ଭଗବାନ ଶିବଙ୍କର ତିନି ନେତ୍ରର ପ୍ରତୀକ ବୋଲି କୁହାଯାଏ । ସେଥିପାଇଁ ତ ଏହି ପତ୍ର ମହାଦେବଙ୍କର ଅତି ପ୍ରିୟ ହୋଇଥାଏ । ମାନ୍ୟତା ରହିଛି, ଯେଉଁ ସ୍ଥାନରେ ବେଲଗଛଟିଏ ଥାଏ, ତାହା କାଶୀତୀର୍ଥସମ ପବିତ୍ର ତଥା ପୂଜନୀୟସ୍ଥଳ ପାଲଟିଯାଏ । ବାସ୍ତୁଶାସ୍ତ୍ର ଅନୁଯାୟୀ ବି, ଯଦି କୌଣସି ବ୍ୟକ୍ତି ପବିତ୍ର ମନରେ ବେଲ ଗଛଟିଏ ଲଗାଇଥାନ୍ତି, ତା'ହେଲେ ତାଙ୍କୁ ଅନେକ ଶୁଭଫଳ ପ୍ରାପ୍ତି ହୋଇଥାଏ । ଖାସ୍‌କରି ଘରର ଅଗଣା କିମ୍ବା ବଗିଚାରେ ବେଲଗଛଟିଏ ଲଗାଇଲେ ନକରାତ୍ମକ ଶକ୍ତି ନଷ୍ଟ ହୋଇ ସକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଘରର ବାତାବରଣ ଶୁଦ୍ଧ ହେବା ସହ ଗୃହ କଳହରୁ ଏହା ରକ୍ଷା କରିଥାଏ । ତା'ଛଡ଼ା ଘର ସଦସ୍ୟଙ୍କର ମାନସମ୍ମାନ ବଢାଇବାରେ ବି ଏହି ଗଛ ଅନେକ ସାହାଯ୍ୟ କରେ । ସେହିପରି କୁହାଯାଏ, ଘରର ଉତ୍ତର ପଶ୍ଚିମ ଦିଗରେ ବେଲଗଛଟିଏ ଲଗାଇଲେ ଯଶ ବଢିବା ସହ କରଜରୁ ଶୀଘ୍ର ମୁକ୍ତି ପାଇବାର ଉପାୟ ମିଳିଥାଏ । ଉତ୍ତର-ପୂର୍ବ ଦିଗରେ ଗଛ ଲଗାଇଲେ ସୁଖଶାନ୍ତି ବୃଦ୍ଧିପାଏ । ଅନ୍ୟପକ୍ଷେ ବାସସ୍ଥାନର ଠିକ୍ ମଝି ଅଂଶରେ ଏହି ଗଛ ଲାଗିଥିଲେ, ଜୀବନରେ ମଧୁରତା ଆସିଥାଏ । ଏହାଛଡ଼ା ଘର ଅଗଣାରେ ବେଲଗଛଟିଏ ଲଗାଇ ତାହାକୁ ନିୟମିତ ପୂଜା କଲେ ସନ୍ତାନ ପ୍ରାପ୍ତିର ସୁଖ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ସେହିପରି ଘରର ଆଖପାଖ ଅଞ୍ଚଳରେ ବେଲଗଛଟିଏ ଥିଲେ, ସାପ ତଥା ଅନ୍ୟ ବିଷାକ୍ତ ଜୀବଜନ୍ତୁ ପାଖ ମାଡନ୍ତି ନାହିଁ ବୋଲି ଲୋକେ ବିଶ୍ୱାସ କରିଥାନ୍ତି ।



## ପାଠକୀୟ

✲ ସ୍ତ୍ରୀ ପାଇଁ ସ୍ୱାମୀର ଆଉ ସ୍ୱାମୀ ପାଇଁ ସ୍ତ୍ରୀର ଭଲପାଇବା ଓ ତ୍ୟାଗ କେତେ ଗଭୀର ହୋଇପାରେ ଏହି ଦମ୍ପତିମାନେ ହେଉଛନ୍ତି ତାହାର ଗୋଟେ ଗୋଟେ ଉଦାହରଣ ; ଯାହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତୁମେ ଅଛ ବୋଲି' ଶୀର୍ଷକ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । 'କେଉଁ ଜିନିଷ ରଖିବେନି ଘରେ', 'ପିତ୍ତଳ କଇଁଛର ବାସ୍ତୁ ମହତ୍ତ୍ୱ' ଆଦି ପାଠଗୁଡ଼ିକ ବେଶ୍ ଶିକ୍ଷଣୀୟ ଥିଲା ।

**– ଶ୍ରୁଲେଖା ସ୍ୱାଇଁ, ରସୁଲଗଡ଼, ଭୁବନେଶ୍ୱର**

✲ ସ୍ୱାମୀସ୍ତ୍ରୀର ସମ୍ପର୍କ ସବୁଠୁ ପବିତ୍ର, ସବୁଠୁ ମଧୁର । ସେଥିରେ ବିଶ୍ୱାସ, ଭଲପାଇବା ଯେତିକି ଥାଏ ତ୍ୟାଗ ବି ସେତିକି ଥାଏ । ଏହି ତ୍ୟାଗ ପାଇଁ ମନରେ ତିଳେମାତ୍ର ଅବସୋସ ମଧ୍ୟ ନଥାଏ । ସେମିତି କିଛି ଦମ୍ପତିଙ୍କ ନିଚ୍ଛକ କଥା ଓ ବ୍ୟଥାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତୁମେ ଅଛ ବୋଲି' ଶୀର୍ଷକ ଆଲେଖ୍ୟଟି ମନଛୁଆଁ ହେବା ସହ ପ୍ରେରଣାଦାୟୀ ଥିଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ ସୁସାହିତ୍ୟିକା ଡ. ହିରଣ୍ମୟୀ ମିଶ୍ର ଓ ତାଙ୍କ ଜୀବନସାଥୀ ଅରୁଣ କୁମାର ନାୟକଙ୍କ ପ୍ରେମଭରା ଜୀବନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । **– ସ୍ୱପ୍ନାମୟୀ ଦାସ, ଫୁଲନଖରା, କଟକ**

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଅଝଟ ଖରାବେଳ' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ହୋଇଥିଲା । ସିନେମା ପୃଷ୍ଠାରେ ସ୍ଥାନିତ 'ଭାଗ୍ୟକୁ ନିନ୍ଦୁଛନ୍ତି ତ୍ରିପ୍ତି', 'ପ୍ରିୟଙ୍କାଙ୍କ ଖୁସି ରହସ୍ୟ', 'ଆମିର୍ ହିଁ ବେଷ୍ଟ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା । ପ୍ରଶାସନିକ ଅଧିକାରୀ କାନନବାଳା ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ବେଶ୍ ହୃଦୟଛୁଆଁ ହୋଇଥିଲା ।

**– ରାଜେଶ ପ୍ରଧାନ, କୋରାପୁଟ**

✲ 'ସୁଭାଷ ବୋଷଙ୍କ ପ୍ରେମ କାହାଣୀ' ଶୀର୍ଷକ ଆଲେଖ୍ୟଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ମଡେଲ୍ ମିରର୍‌ରେ ରଶ୍ମି ବେଶ୍ ସୁନ୍ଦରୀ ଲାଗୁଥିଲେ । ହାଃ ହାଃ ବି ମଜାଦାର୍ ହୋଇଥିଲା । 'ଓଡ଼ିଶାର ଗୁପ୍ତ ବୃନ୍ଦାବନ ପୁରୀର ମାତା ମଠ' ସମ୍ପର୍କରେ ଅନେକ ନୂଆ କଥା ସହର ପୃଷ୍ଠାରୁ ଜାଣିହେଲା ।

**–ଭାରତୀ ତ୍ରିପାଠୀ, ଭଦ୍ରକ**

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ଏମିତି ହୁଏ ପ୍ରେମ' ତଥା ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦଉଡି ଡିଆଁ ଖେଳୁଥିବା ବିଲେଇ', 'ପେପର୍ ହାର୍ଟର ଶୃଙ୍ଖଳ', 'ସବୁଠୁ ବଡ଼ ବୁକେ' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା । ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଋଣଂ କୃତ୍ୱା ଘୃତଂ ପିବେତ୍' ପାଠଟି ବି ବେଶ୍ ଶିକ୍ଷଣୀୟ ଥିଲା ।

**–ସଂଞ୍ଜୁକ୍ତା ମହାନ୍ତି, ସମ୍ବଲପୁର**




## ବିଶେଷ ଚିଠି

ଏଥରର ପ୍ରଚ୍ଛଦରେ ଥିଲା
'ତୁମେ ଅଛ ବୋଲି' ଶୀର୍ଷକ ଲେଖା,
ସ୍ୱାମୀସ୍ତ୍ରୀର ପବିତ୍ର ସମ୍ପର୍କ
ବିଷୟରେ ଏହା ଦେଉଥିଲା ବାର୍ତ୍ତା ।
ତା'ସାଙ୍ଗକୁ ପୁଣି ତୁମ
ସହର, ସୃଜନ ଓ ସିନେମା
ନିଆରା ଲାଗୁଥିଲା ପୁଣି
ତୁମ ବ୍ୟାକ୍‌ପେଜ୍‌ର ଦୁନିଆ ।
ସତରେ ହେ ପ୍ରିୟ ଛୁଟିଦିନ
ତୁମକୁ ଦେଖି ମୁଁ ହେଇଯାଏ ଧନ୍ୟ ।

**–ଶୁଭାଶିଷ ବାରିକ,**
**ପେଣ୍ଟକଣ୍ଟା, ପୁରୀ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶତାୟୁଙ୍କ କଥା

**ବୟସର ଅପରାହ୍ନରେ କାହାର ଅଣ୍ଟା ନଇଁଗଲାଣି ତ କାହାର ଦୃଷ୍ଟିଶକ୍ତି କ୍ଷୀଣ ହୋଇଆସିଲାଣି। ପୁଣି କାହାର ଦାନ୍ତ ଖସିପଡ଼ିଲାଣି ତ ଆଉ କାହା କାନକୁ ବିଶେଷକରି ଶୁଭୁନାହିଁ। ବାର୍ଦ୍ଧକ୍ୟ ଛାପରେ ଚର୍ମରେ କୁଞ୍ଚନ ସୃଷ୍ଟି ହେଲାଣି ସତ ହେଲେ ଏମାନଙ୍କ ମନରେ ରହିଛି ଅଦମ୍ୟ ସାହସ। ସୁସ୍ଥ ଓ ନିରୋଗ ରହିବାକୁ ଅହରହ ପ୍ରୟାସ ବି କରିବା ସହ ନିଜ କାମ ପାଇଁ କାହା ଉପରେ ନିର୍ଭର କରୁ ନାହାନ୍ତି। ସତେ ଯେମିତି ଏମାନଙ୍କୁ ଛୁଇଁପାରିନାହିଁ ବାର୍ଦ୍ଧକ୍ୟ । ସେମିତି କେତେଜଣ ଶତାୟୁଙ୍କ ସମ୍ପର୍କରେ...**

**ସୁସ୍ଥତାର ରହସ୍ୟ ଜୀବନଶୈଳୀ**–ପରାଧୀନ ଭାରତ ସହ ସ୍ୱାଧୀନ ଭାରତର ପରିସ୍ଥିତିକୁ ସେ ଦେଖିଛନ୍ତି। ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସେ କର୍ଣ୍ଣଧାର। ଏକଧାରରେ ସେ ଜଣେ ଗାନ୍ଧିବାଦୀ, ସ୍ତମ୍ଭକାର, ଶିକ୍ଷକ, ସାମ୍ବାଦିକ, ଲେଖକ, ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ସମାଜସେବକ। ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ନବକୃଷ୍ଣ ଚୌଧୁରୀଙ୍କ ଅନୁଗାମୀ। ସେ ହେଲେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ତଥା **ଶତାୟୁ ପଦ୍ମଚରଣ ନାୟକ**। ଜନ୍ମ ୩୦ ଜାନୁଆରୀ ୧୯୨୬ ମସିହାରେ। ପିତା ଯୋଗେନ୍ଦ୍ର ନାୟକ, ମାତା ଚାନ୍ଦମଣି ଦେବୀ । ଘର କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଧୀନ ବଡ଼କୁଳ–ଦହିମାଛ ଗାଁରେ। ପିଲାଟି ଦିନରୁ ସେ ଖୁବ୍ ବୁଦ୍ଧିମାନ। ସ୍କୁଲ ଶିକ୍ଷା ପରେ ରେଭେନ୍ସାରେ ଆଇଏସ୍‌ସି, ପରେ କୁଜଙ୍ଗ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପୁଣି ରେଭେନ୍ସାରେ ବିଏସ୍‌ସି ଏବଂ ଏମ୍‌ଏସ୍‌ସି ସାରିଲେ। ପରବର୍ତ୍ତୀ ସମୟରେ ସୋଭିଏଟ ଦୂତାବାସର ସମ୍ବାଦ ସରବରାହରେ କାର୍ଯ୍ୟକରିଥିଲେ। ୧୯୬୧ରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀଭାବେ ବିଜୟୀ ହୋଇଥିଲେ। ପ୍ରଜାଙ୍କ ଲାଗି ଉପକୂଳ ଓଡ଼ିଶାରେ ଭୂମି ଆନ୍ଦୋଳନ କରିଥିଲେ। ଏବେ ତାଙ୍କୁ ପ୍ରାୟ ଶହେବର୍ଷ ହେଲାଣି। ତଥାପି ଧୀଶକ୍ତି ଓ ଜ୍ଞାନ ସେମିତି ପୂର୍ବବତ୍ ରହିଛି। ଦୈନିକ ନିଜର ସମସ୍ତ କାର୍ଯ୍ୟ ସେ କରିଥାନ୍ତି। ସର୍ବଦା ଫୂର୍ତ୍ତି ରୁହନ୍ତି। ଏବେ ବି ବିଭିନ୍ନ ସଭାସମିତିରେ ଯୋଗ ଦେଇଥାନ୍ତି। ଏକାଧିକ ପୁସ୍ତକ ରଚନା କରିଛନ୍ତି। ସେଥିମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀକୁ ନେଇ ରଚିତ 'ଅନିର୍ବାଣ' ପୁସ୍ତକ ପାଇଁ ସେ ୧୯୯୯ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଅନ୍ୟପକ୍ଷେ ହୋମିଓପାଥିକ ଚିକିତ୍ସା ସମ୍ପର୍କରେ ଜ୍ଞାନ ହାସଲ କରିଛନ୍ତି। ସେ ବେଶ୍ ସମୟାନୁବର୍ତ୍ତୀ ମଧ୍ୟ। ପ୍ରତିଦିନ ଭୋର ୪ଟାରୁ ଉଠନ୍ତି, ମହୁ ମିଶ୍ରିତ ଲେମ୍ବୁପାଣି ପିଅନ୍ତି, କିଛି ଲେଖାଲେଖି କରନ୍ତି, ଖବର କାଗଜ ପଢ଼ନ୍ତି। ପରେ ଭେଜ୍ ସୁପ୍ ପିଇଥାନ୍ତି। ଆଜକୁ ପ୍ରାୟ ୪୦ବର୍ଷ ହେଲା ଆମିଷ ଛାଡ଼ି ଦେଇଛନ୍ତି। ସବୁବେଳେ ସରଳ ଜୀବନଚର୍ଯ୍ୟା କରିଥାନ୍ତି। ହୃଦ୍‌ରୋଗ ନାହିଁ। ସନ୍ଧ୍ୟାରେ ଜୁସ୍ ପିଅନ୍ତି। ରାତିରେ ଯନ୍ତା ରୁଟି ଓ ସାଦା ସନ୍ତୁଳା ଖାଆନ୍ତି। ଅବଶ୍ୟ ବୟସର ପ୍ରଭାବରେ ଆଗ ଅପେକ୍ଷା ଆଖିକୁ ଦିଶିବାରେ, କାନକୁ ଶୁଭିବା କିଛି ମାତ୍ରାରେ କମିଛି। କିନ୍ତୁ ସ୍ୱାଭାବିକ ଭାବରେ ଚଲାବୁଲା କରିପାରୁଛନ୍ତି। ସେ ଯେଉଁ କାମରେ ଲାଗନ୍ତି, ସେଥିରେ ଐକାନ୍ତିକ ଭାବେ ନିଜକୁ ନିୟୋଜିତ କରିଥାନ୍ତି। ସେ କୁହନ୍ତି, 'ନିଶା ନିବାରଣ କାର୍ଯ୍ୟ ପାଇଁ ମୋର ଆବଶ୍ୟକତା ଥିଲା, ଏହି କାର୍ଯ୍ୟକଳାପରେ ସହକର୍ମୀ ଓ ସାଧାରଣ ଲୋକ ଖୁସିଥିବାରୁ ମୋର ସାମୟିକ ଅସୁସ୍ଥତା ବାଧୁନାହିଁ।' ନିଶାନିବାରଣ ସମ୍ପର୍କରେ ଓ ସମାଜର ଗଠନମୂଳକ ଜନହିତକର କାର୍ଯ୍ୟ ନିମନ୍ତେ ସରକାରଙ୍କୁ ପତ୍ର ଲେଖୁଛି। ନିଜ ପେନ୍‌ସନ ଅର୍ଥର ସ୍ୱଳ୍ପଅଂଶକୁ ଖର୍ଚ୍ଚ ଲାଗି ରଖିବା ସହିତ ବାକି ଅର୍ଥକୁ ସମାଜସେବାରେ ନିୟୋଜିତ କରିଥାନ୍ତି।

**ସୁସ୍ଥ ରଖିଛି ଜୀବନଚର୍ଯ୍ୟା** – ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ଲୋକପ୍ରିୟ ଲୋକକଳା ତଥା ପୌରାଣିକ ବିଷୟ ଉପରେ ଆଧାରିତ ଶ୍ରୀକୃଷ୍ଣଲୀଳାର ପ୍ରଚାର ପ୍ରସାର ଦୀର୍ଘ ୯ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ କରିଆସୁଛନ୍ତି। ଭାଗବତ ଭାବ ସୃଷ୍ଟି ନିମନ୍ତେ ଶ୍ରୀକୃଷ୍ଣଲୀଳାରେ ନିଜକୁ ସେ ସମର୍ପିତ କରିଛନ୍ତି। ଏବେ ତାଙ୍କର ବୟସ ପ୍ରାୟ ୧୦୭ବର୍ଷ। କଳା ସଂସ୍କୃତି ପ୍ରତି ତାଙ୍କ ଅବଦାନ ଲାଗି ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିବା ସହିତ ୨୦୨୪ ଜାନୁଆରୀ ୨୬ ତାରିଖରେ ଭାରତ ସରକାରଙ୍କ ତରଫରୁ ମିଳିଛି ପଦ୍ମଶ୍ରୀ ସମ୍ମାନ । ସେ ହେଲେ

**ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ**। ଜନ୍ମ ୧୫।୨।୧୯୧୮ ମସିହାରେ। ମା' ହାଡ଼ି ସ୍ୱାଇଁ, ପିତା ମାଗତି ସ୍ୱାଇଁ। ଘର ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ଗୋବିନ୍ଦପୁର ବଡ଼ଦାଣ୍ଡ ସାହିରେ। ଗୋପୀନାଥ ତାଙ୍କ ଭାଇ ଭଉଣୀଙ୍କ ମଧ୍ୟରେ ସାନ। ସେ ପିଲାଟିଏ ହୋଇଥିଲେ, ସେହି ସମୟରୁ ତାଙ୍କ ମା'ଆରପାରିକୁ ଚାଲିଗଲେ। ଏଥିଯୋଗୁ ବାପା ମାଗତି, ପୁଅ ଗୋପୀନାଥଙ୍କର ସମସ୍ତ ଦାୟିତ୍ୱ ନେଇଥିଲେ। ଗୋପୀନାଥଙ୍କୁ ସେତେବେଳେ ପ୍ରାୟ ୫ ବର୍ଷ ବୟସ। ସେ ସମୟରୁ ସେ ଘର ପାଖ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ସାହି କୋଠଘରକୁ ଯାଉଥିଲେ। ସେଠାରେ ଶ୍ରୀକୃଷ୍ଣଲୀଳା ଦେଖୁଥିଲେ। ତାଙ୍କ ଦାଦା କ୍ଷେତ୍ର ସ୍ୱାଇଁ ଶ୍ରୀକୃଷ୍ଣଲୀଳାର ଗାୟକ ଥିଲେ। ସେ ଏହି କଳା ପ୍ରତି ତାଙ୍କୁ ଉତ୍ସାହିତ କରାଇଥିଲେ। ଗୁରୁ ଚୌଧୁରୀ ବେହେରା ଶ୍ରୀକୃଷ୍ଣଲୀଳା ଶିଖାଉଥିଲେ। ଶ୍ରୀକୃଷ୍ଣଲୀଳାରେ କେବେ ଶ୍ରୀକୃଷ୍ଣ ତ ପୁଣି କେବେ ଯଶୋଦାଙ୍କ ଭୂମିକାରେ ସେ ନୃତ୍ୟ, ଅଭିନୟ କରିବା ସହିତ ସଙ୍ଗୀତ ଗାନ କଲେ। ଏଥିରେ ଅପାର ଆନନ୍ଦ ମିଳୁଥିଲା। କିନ୍ତୁ ଗାଁକୁ ଆସୁଥିବା ଅବଧାନଙ୍କ ପାଖରେ ୫ମ ଯାଏ ପାଠ ପଢ଼ିଥିଲେ। ବାପା ଭାବିଥିଲେ ଗୋପୀନାଥ ପାଠ ପଢ଼ି ଜଣେ ଶିକ୍ଷକ ହେବେ, ଭଲ ଦରମା ମିଳିବ। ହେଲେ ଶ୍ରୀକୃଷ୍ଣଲୀଳା ପ୍ରତି ତାଙ୍କର ଅଧିକ ଆଗ୍ରହଥିବାର ଦେଖି ସେ କହିଲେ ମୋ ପୁଅ ଜଣେ ଭଲ ଗାୟକ ହେବ। ଚାରିଆଡୁ ଡାକରା ଆସିବ, ଧର୍ମପୀଠ ବୁଲିବ। ଭଲ ରୋଜଗାର କରିପାରିବ, ସମ୍ମାନ ପାଇବ। ଯେତେବେଳେ ଗୋପୀନାଥଙ୍କୁ ୧୨ବର୍ଷ ହେଲା ସେହି ସମୟରୁ ଜଣେ ଗାୟକଙ୍କପରି ଶ୍ରୀକୃଷ୍ଣଲୀଳା ଗାୟନକରି ଅନ୍ୟମାନଙ୍କୁ ସେହି ଲୀଳାର ନାଟ୍ୟଶିକ୍ଷାଦେଲେ। ପୁରାଣକଥା ଅଧିକ କିଛି ଜାଣିବା ପାଇଁ ଦାଦା କ୍ଷେତ୍ର



ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ



ପଦ୍ମଚରଣ ନାୟକ



ପଦ୍ମଶ୍ରୀ ସମ୍ମାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଗୋପୀନାଥ ସ୍ୱାଇଁ

ସ୍ୱାଇଁ, ଗୁରୁ ଚୌଧୁରୀ ବେହେରା, ନାରାୟଣ ତନ୍ତି, ଆକୁଳ ପାଢ଼ୀ, ଭୋବନୀ ପାତ୍ର, ଲକ୍ଷ୍ମଣ ରଥଙ୍କଠାରୁ ଶ୍ରୀକୃଷ୍ଣଲୀଳା ଶିକ୍ଷା ପାଇଲେ। ନିକଟସ୍ଥ ଗାଁରେ ଶ୍ରୀକୃଷ୍ଣଲୀଳାରେ ଅନ୍ୟମାନଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦେଲେ। ଏହି ଲୀଳାର ପ୍ରାୟ ୪୮ଟି ଅଧ୍ୟାୟକୁ ପ୍ରାୟ ଘଣ୍ଟାଘଣ୍ଟାଧରି ମଞ୍ଚରେ ପରିବେଷଣ କରାଯାଉଥିଲା। ଶ୍ରୀକୃଷ୍ଣଲୀଳାର ନୃତ୍ୟ ଓ ସଙ୍ଗୀତର ଭକ୍ତିରସରେ ଦର୍ଶକ ବିଭୋର ହୋଇପଡୁଥିଲେ। ଦର୍ଶକମାନଙ୍କଠାରୁ ବହୁ ସୁନାମ ଶୁଣିଲେ ଯଶ ଅର୍ଜନ କଲେ। ଗୋବିନ୍ଦପୁର, ବୋରିପଦର, ଗୁମକୁପା, ହୁମୁକି, ହିଞ୍ଜଳ, କବିସୂର୍ଯ୍ୟନଗର, ଦେଓଗାଁ, ଅରଖପୁର, ଟିକିଟି, ଦିଗପହଣ୍ଡି, କୁଶପଡ଼ା, ଖାରିଆଗୁଡ଼ା, ରାଳବ, ନନ୍ଦିକ, ସୋରଳା ଆଦି ଶତାଧିକ ଗାଁରେ ଶ୍ରୀକୃଷ୍ଣଲୀଳା ପରିବେଷଣ କରିଥିଲେ। ସେହିପରି ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ମଧ୍ୟ କୃଷ୍ଣଲୀଳାର ପ୍ରଚାର କରିଥିଲେ । କୃଷ୍ଣଲୀଳା ଯୋଗୁ ବିଭିନ୍ନ ସଂସ୍ଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଶା ଲୋକସଂସ୍କୃତି ସମ୍ମାନରେ ତାଙ୍କୁ ସମ୍ମାନିତ କରିଥିଲା। ସେ କୁହନ୍ତି, ସେତେବେଳେ ଆମ ଅଞ୍ଚଳର ଚାରିଆଡ଼େ ବଣଜଙ୍ଗଲ ଥିଲା। ବିଭିନ୍ନ ଗାଁକୁ ପାଦଚଲା ବାଟରେ ଯିବାକୁ ପଡୁଥିଲା। ସନ୍ଧ୍ୟାରେ ଗାଁ ଲୋକମାନେ ଶ୍ରୀକୃଷ୍ଣଲୀଳା ଶୁଣନ୍ତି। ସତ୍‌ସଙ୍ଗ ଗୋଷ୍ଠୀରେ ଧର୍ମଚର୍ଚ୍ଚା ଚାଲେ। ମୋ ଗାଁ ଲୋକମାନେ ବହୁତ ଭଲ। ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥାଏ । ପ୍ରତିଦିନ ପ୍ରଭାତରୁ ଉଠି ସ୍ନାନସାରି ଗାଁରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଯାଏ। ସେଠାରେ କିଛି ସମୟ ପ୍ରାର୍ଥନା କରି ଶ୍ରୀକୃଷ୍ଣଲୀଳା ଗାନ କରିଥାଏ। ଯେମିତି ପ୍ରାତଃ ସମୟରେ ହରିନାମ ଏବଂ ରାତିରେ ନିଦ୍ରା ପୂର୍ବରୁ ଭଗବାନ୍‌ଙ୍କ ନାମ ଜିପିଥାଏ। ଏଥିରେ ମୋତେ ମାନସିକ ଶାନ୍ତି ମିଳେ। ନାମକୀର୍ତ୍ତନରେ ଭଗବାନ୍ ସ୍ୱୟଂ ପ୍ରକଟ ହୁଅନ୍ତି, ଏହା ମୋର ଦୃଢ଼ ବିଶ୍ୱାସ। ଶ୍ରଦ୍ଧା ଓ ନିଷ୍ଠାର ସହିତ ନାମଜପିଲେ ଅନ୍ତଃକରଣରେ ପବିତ୍ରତା ଆସେ। ଦିବ୍ୟ ଆନନ୍ଦ ମିଳେ। ସର୍ବଦା ନିରାମିଷ ଭୋଜନ କରିଥାଏ। ମୋ ପରିବାରର ଦୁଇ ପୁଅ, ଗୋଟିଏ ଝିଅ। ସେମାନଙ୍କ ମଧ୍ୟରେ ବଡ଼ପୁଅ ବଡ଼ବୋହୂ ଓ ସାନବୋହୂ ମୃତ୍ୟୁବରଣ କରିସାରିଲେଣି। ଏବେ ନାତି ଅମିତଙ୍କ ପାଖରେ ରହୁଛି। ସମସ୍ତଙ୍କ ଶ୍ରଦ୍ଧା ମୋ ପ୍ରତି ରହିଛି। ଏବେ ମୋର ବୟସ ପ୍ରାୟ ୧୦୭ ଟପିସାରିଲାଣି। ବାର୍ଦ୍ଧକ୍ୟ ହେତୁ ଟିକେ ଅସୁସ୍ଥ ଅନୁଭବ କରୁଛି। ୨୦୨୪ ମସିହା ଜାନୁଆରୀ ୨୬ ତାରିଖରେ ପଦ୍ମଶ୍ରୀ ସମ୍ମାନ ମିଳିଛି । ଏଥିରେ ବହୁତ ଖୁସି। କିନ୍ତୁ ପିଲାଦିନରୁ ଏଯାଏ ପ୍ରତିଦିନ ରାତି ୪ଟାରୁ ଉଠିବା ଅଭ୍ୟାସ ରହିଛି। ନିତ୍ୟକର୍ମ ସାରି, ଠାକୁରଙ୍କୁ ପ୍ରାର୍ଥନା କରିଥାଏ। ସକାଳୁ ଜଳପାନ କରିଥାଏ। ବୟସର ପ୍ରଭାବରେ ଆଖିକୁ ଭଲ ଦିଶୁ ନାହିଁ। କାନକୁ କମ୍ ଶୁଭୁଥିଲେ ମଧ୍ୟ ଶୁଣିପାରୁଛି ଓ ଚାଲିବୁଲି ପାରୁଛି। ସର୍ବଦା ସୁସ୍ଥ ଓ ନିରାମୟ ରହିବାକୁ ପ୍ରୟାସ କରିଥାଏ। ତାଙ୍କ ନାତି ଅମିତ କୁହନ୍ତି, 'ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ସହାୟତାରେ କଳାକାର ଭତ୍ତା ମିଳୁଛି। ସେଥିରେ ଜେଜେଙ୍କ ପାଇଁ ଖର୍ଚ୍ଚ ହେଉଛି।'

**ଏବେ ବି ଚଳଚଞ୍ଚଳ:** ସବୁଦିନ ସକାଳୁ ସକାଳୁ ଗାଁ ଦାଣ୍ଡରେ ସେ ନଇଁ ନଇଁ ଚାଲନ୍ତି। ଅଣ୍ଟାସିନା ନଇଁଗଲାଣି ହେଲେ ଠାକୁରଙ୍କୁ ଫୁଲ ତୁଳସୀ ଦେବା ଅଭ୍ୟାସ ପ୍ରତିଦିନ ଜାରିରଖିଛନ୍ତି। ସଂକ୍ରାନ୍ତି ଗୁରୁବାର ଘର ଦୁଆର ସମ୍ମୁଖ ଚଟାଣରେ ମୁରୁଜରେ ଝୋଟି ପକାଇଥାନ୍ତି। ନିଜକାମ ନିଜେ କରିବାକୁ ଭାରି ଭଲ ପାଆନ୍ତି। ଏବେ ବୟସ ପ୍ରାୟ ଶହେ ଟପିଲାଣି। ସେ ହେଲେ **ମାଗିମଣି ଦିବ୍ୟା**। ଘର ଖୋର୍ଦ୍ଧା ଜିଲାର ରତନପୁର ବ୍ରାହ୍ମଣ ଶାସନରେ। ସେ କୁହନ୍ତି, 'ବୈଦ୍ୟନାଥ କରଙ୍କ ସହିତ ମୋର ବିବାହ ହୋଇଥିଲା। ସେ ରେଙ୍ଗୁନ୍‌ରୁ ଫେରିବା ପରେ ଗାଁରେ ଚାଟଶାଳୀକରି ଅନେକ ପିଲାଙ୍କୁ ପାଠ ପଢ଼େଇଥିଲେ। ସେ ପ୍ରାୟ ୯୨ବର୍ଷ ଜୀବିତ ଥିଲେ। ଏବେ ମୋର ଦୁଇପୁଅ ଶିକ୍ଷକ, ବୋହୂ ଶିକ୍ଷୟିତ୍ରୀ, ନାତୁଣୀ ମଧ୍ୟ ଶିକ୍ଷକତା କରୁଛି। ଶିକ୍ଷକ ପରିବାର ଭାବେ ଗାଁରେ ପରିଚୟ ରହିଛି। ମୋର ନିତିଦିନିଆ କାମ କହିଲେ ଭୋରରୁ ଉଠିଥାଏ। ନିତ୍ୟକର୍ମ ସାରି, ଫୁଲତୁଳସୀ ସଂଗ୍ରହକରି ଗାଁର ଦେବଦେବୀଙ୍କ ପୀଠକୁ ନେଇ ଯାଇଥାଏ। ସେଠାରେ ଗୁହାରିକରେ । ସକାଳୁ ଚୁଡ଼ାଗୁଡ଼, ବିସ୍କୁଟ ଓ ଖୁବ୍ ପାଣି ପିଏ। ଇଚ୍ଛା ହେଲେ ଚା ପିଏ। ଦିନ ପ୍ରାୟ ୧୧ଟା ପରେ ଭାତ ଖାଇଥାଏ। ପୁଣି ୪ଟା ସମୟରେ ଅଳ୍ପକିଛି ଶୁଖିଲା ଖାଦ୍ୟ ହେଉ କି ଫଳ ଖାଇଥାଏ। ରାତି ୭ଟାରେ ଅଳ୍ପ ଆହାର କରି କିଛି ସମୟ ପରେ ବିଶ୍ରାମ ନେଇଥାଏ। ଏବେ କିଛିଦିନ ହେଲା ପେଟରେ ଗ୍ୟାସ୍ ଯୋଗୁ ଔଷଧ ସେବନ କରୁଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଚଳାବୁଲା କରିଥାଏ। ଦ୍ୱିପ୍ରହରରେ ଅନ୍ୟମାନଙ୍କ ସହିତ ତାସ୍ ଖେଳେ। ପୁରାଣ ଶୁଣେ। ଆଖିକି ଦିଶୁଛି। ପାଖରୁ କାନକୁ ଶୁଭୁଛି। ଏଯାଏ ସବୁ ଠିକ୍‌ଠାକ୍ ଚାଲିଛି। ପିଲାମାନଙ୍କର ମୋ ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଛି।

**ଦେଶୀ ଖାଦ୍ୟ, ପରିଶ୍ରମ ଓ ବିଶ୍ରାମ ମହୌଷଧି ପାଲଟିଛି-** ପିଲାଟି ଦିନରୁ ତାଙ୍କର ପରିଶ୍ରମ କରିବା ଅଭ୍ୟାସ ରହିଛି। ଜୈବିକ ପଦ୍ଧତିରେ ଚାଷକରି ପନିପରିବା ଖାଉଥିବାରୁ ସର୍ବଦା ସେ ଫୁର୍ତ୍ତି ମନେକରନ୍ତି। ଏବେ ପ୍ରତିଦିନ ସକାଳୁ ଉଠିଲେ କିଛିନା କିଛି କାମ କରୁଛନ୍ତି। ସେ ହେଲେ **ସୁଦାମ ବେହେରା** ମାତା ଶରଦୀ ଦେଇ, ପିତା ଗୌରାଙ୍ଗ ବେହେରା। ଘର ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତର୍ଗତ ରଘୁନାଥପୁର(ସାତଶଙ୍ଖ)ରେ। ସେ କୁହନ୍ତି, 'ମୋତେ ଏବେ ବୟସ ଶହେ ଟପିଲାଣି। ଘରେ ଖାଲିରେ ବସି ରହିବାକୁ ଆଦୌ ଭଲ ଲାଗେନା। ପିଲାଦିନେ ଆମର ଶତାଧିକ ଗାଈ ଥିଲେ, ନିକଟସ୍ଥ ବୋଇତି ଜଙ୍ଗଲକୁ ଗାଈ ଚରାଇବାକୁ ନେଉଥିଲୁ। ଅଧିକାଂଶ ସମୟ ଦେଶୀଗାଈ କ୍ଷୀର ପିଉଥିଲୁ। ଚୁଡ଼ାଗୁଡ଼, ଦହିପଖାଳ, ଗୁଆଘିଅ ଖାଉଥିଲୁ। ଏବେ ଆଉ ସେ ଦରବ ମିଳୁନି, ଯାହା ବି ଖାଦ୍ୟ ଖାଅ ସେଥିରେ ବିଷ ଭରିଛି। ଘରବାରିରେ ଗୋବର ଖତ ପକାଇ ଯେଉଁ ପନିପରିବା ଚାଷ କରୁଥିଲୁ ସେଥିରେ ଘରର ତରକାରି ଚଳୁଥିଲା। ଢିଙ୍କିକୁଟା ଚାଉଳର ଭାତ, ମାଣ୍ଡିଆଜାଉ ଖାଇ ସକାଳରୁ ସଞ୍ଜ ଯାଏ ପରିଶ୍ରମ କରୁଥିଲୁ। ବାରିବାଇଗଣ, କଞ୍ଚାଲଙ୍କା, ପିଆଜ, ଅଦା ତା' ସହିତ ଦେଶୀ ଆମ୍ବୁଲ ଖାଇ ପେଟପୂରୁଥିଲା। ମାଟିହାଣ୍ଡି ରନ୍ଧା ଭାତର ତୋରାଣି ମୁନ୍ଦେ ପିଇଦେଲେ ଦେହକୁ ବଳ ଆସିଯାଉଥିଲା। ରାଶି, ମାଣ୍ଡିଆ, ବାଦାମ ଯାହାକିଛି କରୁଥିଲୁ ତାହା ଖାଉଥିଲୁ। ବାଦାମ ଓ ରାଶିକୁ ନେଇ ଘଣାରେ ତେଲ ବାହାରକରି ରୋଷେଇ ପାଇଁ ରଖୁଥିଲୁ। ଚିଲିକାରୁ ବାହାଣକରି ଯାହା ମାଛ ଧରୁଥିଲୁ ଆଗେ ଘରକୁ ତରକାରି ପାଇଁ ଆଣୁଥିଲୁ । ପୁଣି ପାଦଚଲା ବାଟରେ ମାଇଲ ମାଇଲ ଦୂର ଚାଲୁଥିଲୁ। ଶଗଡ଼ରେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହକରି ଘରକୁ ଫେରୁଥିଲୁ। ଖଟଣି ଟିକେ ଅଧିକହେଲେ ଦେହପୀଡ଼ା ଦୂରପାଇଁ ସକାଳେ କଞ୍ଚା ହଳଦୀ ଚେଳେ ଖାଉଥିଲୁ। ଦେହରେ ରାଶି କିମ୍ବା ଶୋରିଷତେଲ ମାଲିସ କରି ବିଶ୍ରାମ ନେଉଥିଲୁ। ସେ ସମୟ ବଦଳି ଯାଇଛି। ଆଜି ପ୍ରତିଦିନ ଗାଁ ପୋଖରୀ ହେଉ କି ନଈକୁ ଯାଇ ଗାଧୋଇ ଜଳତର୍ପଣ କରିଥାଏ। ସକାଳୁ ଚୁଡ଼ାଜଳଖିଆ, ଖରାବେଳକୁ ଭାତ, ରାତିରେ ଅଳ୍ପ ଭୋଜନ, ୮ଟାରେ ଶୋଇପଡୁଛି। ସନ୍ଧ୍ୟାରେ ପୁରାଣ ଶୁଣୁଛି, ଏବେ ପ୍ରତିଦିନ କିଛିନା କିଛି କାମ ନ କରିଲେ ମନଟା ଅଥୟ ଲାଗୁଛି। ଆଗ ଅପେକ୍ଷା ଦୂରରୁ ବେଶି ଭଲ ଦିଶୁନି, କାନକୁ ବେଶି ଶୁଭୁନି, ବେଳେବେଳେ ଆଣ୍ଠୁଗଣ୍ଠି ବିନ୍ଧା ହେଉଛି, ସେଥିପାଇଁ ପସାରୁଣି ପତ୍ର ଖାଉଛି। ଏଯାଏ ଦେହରେ ବିଶେଷ କିଛି ରୋଗ ହୋଇ ନାହିଁ। ବାରିରେ ଚାଷକାମ କରିବାକୁ ଭାରି ଇଚ୍ଛା, ହେଲେ ଆଗ ଅପେକ୍ଷା ଦେହକୁ ଟିକେ ଜୋର ନାହିଁ। ମୋ ସମୟର ସାଙ୍ଗମାନେ ଚାଲିଗଲେଣି। ପିଲାଦିନର ଚଳଣି, ଦେଶୀ ଖାଦ୍ୟପେୟ, ପରିଶ୍ରମ, ବିଶ୍ରାମ ଓ ସାଧନା ମୋ ପାଇଁ ମହୌଷଧି ପାଲଟିଛି।

କେବଳ ଏହି କେତେଜଣ ନୁହନ୍ତି ଏମାନଙ୍କ ବ୍ୟତିତ ଆହୁରି ଅନେକ ଶତାୟୁ ବ୍ୟକ୍ତି ଅଛନ୍ତି। ଯେଉଁମାନେ ଏ ବୟସରେ ବି ବେଶ୍ ସୁସ୍ଥ ଓ ଚଳଚଞ୍ଚଳ। ସେମାନଙ୍କ ଜୀବନଶୈଳୀ ଅନ୍ୟମାନଙ୍କ ପାଇଁ ନିଶ୍ଚିତଭାବେ ପ୍ରେରଣାଦାୟକ।


**-ବନବିହାରୀ ବେହେରା**



ମାଗିମଣି ଦିବ୍ୟା




ସୁଦାମ ବେହେରା















# ସହସ୍ରଲିଙ୍ଗର ପବିତ୍ରସ୍ଥଳ

**ଉଭୟ ମୂର୍ତ୍ତି ଓ ଲିଙ୍ଗ ରୂପରେ ପୂଜା ପାଆନ୍ତି ଦେବଦେବ ମହାଦେବ । ଶିବଲିଙ୍ଗର ଶାବ୍ଦିକ ଅର୍ଥ କହିଲେ 'ଶିବ' ଅର୍ଥ 'ପରମ କଲ୍ୟାଣକାରୀ' ଓ ଲିଙ୍ଗର ଅର୍ଥ 'ପ୍ରତୀକ'। ତେଣୁ ଶିବ ଲିଙ୍ଗର ଅର୍ଥ ହେଉଛି ଶିବଙ୍କ ପ୍ରତୀକ। ତେଣୁ ଶିବଲିଙ୍ଗ ପୂଜା କରିବା ସମସ୍ତ ବ୍ରହ୍ମାଣ୍ଡର ପୂଜା କରିବା ସହ ସମାନ। ତେବେ ଏମିତି ବି ସ୍ଥାନ ଅଛି ଯେଉଁଠି ଗୋଟିଏ କି ଦୁଇଟି ନୁହେଁ ବରଂ ସହସ୍ରାଧିକ ଶିବଲିଙ୍ଗ ଅଛି । ଲୋକେ ସେଠାକୁ ଯାଆନ୍ତି ସେହି ଅଦ୍ଭୁତ ଦୃଶ୍ୟ ଦେଖିବା ସହ ଶିବଲିଙ୍ଗ ପୂଜା କରିବା ପାଇଁ...**

**ସିର୍‌ସିସ୍ଥ ସହସ୍ରଲିଙ୍ଗ:** କର୍ଣ୍ଣାଟକର ଉତ୍ତର କନ୍ନଡସ୍ଥ ସିର୍‌ସି ଠାରୁ ୧୪ କି.ମି.ଦୂରରେ ଅଛି ଏକ ତୀର୍ଥସ୍ଥଳୀ। ଯାହାକି ଏଠାକାର ଶଲ୍‌ମଳା ନଦୀରେ ଅବସ୍ଥିତ। ଏହି ସ୍ଥାନର ବିଶେଷତ୍ୱ ହେଉଛି ଯେ, ଏଠାରେ ସହସ୍ରାଧିକ ତଥା ପ୍ରାୟ ଏକ ହଜାର ଲିଙ୍ଗ ଦେଖିବାକୁ ମିଳେ। ଯାହାକି ନଦୀ ଭିତର ଓ ନଦୀକୂଳରେ ଥିବା ଛୋଟବଡ଼ ପଥର ଉପରେ ଦେଖିବାକୁ ମିଳେ। ଏଠାରେ ସହସ୍ରଲିଙ୍ଗ ନାମକ ମନ୍ଦିର ବି ଅଛି। ଏଠାକାର ଗୋଟେ ଗୋଟେ ପଥରରେ ଏକାଧିକ ଲିଙ୍ଗ ବି ଦେଖିବାକୁ ମିଳେ।


ଏହି ସହସ୍ରଲିଙ୍ଗ ପଛରେ ରହିଛି ଏକ ପୌରାଣିକ କଥା। କୁରୁକ୍ଷେତ୍ର ଯୁଦ୍ଧ ପରେ ଶ୍ରୀକୃଷ୍ଣ ପାଣ୍ଡବଙ୍କୁ ରାଜସୂୟ ଯଜ୍ଞ କରିବା ପାଇଁ କହିଥିଲେ। ଆଉ ଏଥିପାଇଁ ପୁଷ୍ପ ମୃଗ ଆଣିବାକୁ ପରାମର୍ଶ ଦେଇଥିଲେ। ଭୀମ ଏହାକୁ ଆଣିବା ଲାଗି ମହେନ୍ଦ୍ରଗିରି ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଗଲାବେଳେ ଭୀମ ଦେଖିଲେ ହନୁମାନ ରାସ୍ତା ମଝିରେ ବିଶ୍ରାମ ନେଉଛନ୍ତି। ତାଙ୍କ ଲାଞ୍ଜକୁ ପାର ହେବା ତାଙ୍କପକ୍ଷେ କଷ୍ଟକର ହୋଇଗଲା। ତେଣୁ ସେ ହନୁମାନଙ୍କୁ ଅନୁରୋଧ କଲେ ଲାଞ୍ଜ ଘୁଞ୍ଚାଇବାକୁ। ହନୁମାନ କିନ୍ତୁ ଭୀମଙ୍କୁ ତାଙ୍କ ଲାଞ୍ଜ ଘୁଞ୍ଚାଇବାକୁ କହିଲେ। ହେଲେ ସେ ଇଞ୍ଚେ ବି ଘୁଞ୍ଚେଇପାରିଲେ ନାହିଁ। ପରେ ଦୁହେଁ ନିଜ ନିଜର ଶକ୍ତିକୁ ବୁଝିପାରିଲେ। ହନୁମାନ ଜାଣିଲେ ଭୀମଙ୍କ ଯାତ୍ରାର ଉଦ୍ଦେଶ୍ୟ କ'ଣ। ତେଣୁ ସେ ନିଜ ଲାଞ୍ଜର କେଶରୁ କିଛି ଭୀମଙ୍କୁ ଦେଲେ ସୁରକ୍ଷା ପାଇଁ। ମହେନ୍ଦ୍ରଗିରିରେ ପହଞ୍ଚିବାପରେ ଭୀମ ପୁଷ୍ପମୃଗ ସହ ଦେଖା କଲେ। ପୁଷ୍ପମୃଗ ଆସିବାକୁ ରାଜି ହେଲା। ହେଲେ ସର୍ତ୍ତ ରହିଲା ସେ ମନୋବେଗରେ ଦୌଡ଼ିବ ଓ ଭୀମ ତାଙ୍କ ପିଛା କରିବେ ବୋଲି। ଭୀମ ରାଜି ହେଲେ। ଯେବେ ଯେବେ ଭୀମ ପିଛା କରିପାରିଲେ ନାହିଁ ସେ ହନୁମାନଙ୍କ ଲାଞ୍ଜର ଗୋଟେ କେଶ ପକାଇଲେ। ଆଶ୍ଚର୍ଯ୍ୟଜନକଭାବେ ଲାଞ୍ଜର କେଶ ଯେଉଁଠି ପଡ଼ିଲା ସେଠି ଗୋଟେ ଗୋଟେ ଲିଙ୍ଗ ଉତ୍ପନ୍ନ ହେଲା। ଫଳରେ ପୁଷ୍ପମୃଗ ସେଠି ଅଟକି ଲିଙ୍ଗ ପୂଜା କରିବା ପରେ ପୁଣି ଆଗକୁ ବଢ଼ିଲା। ଫଳରେ ଭୀମଙ୍କୁ ପୁଷ୍ପମୃଗର ବେଗ ସହ ତାଳ ଦେବାରେ ସହଜ ହେଲା। ସେ ଯେତେବେଳେ ଦକ୍ଷିଣ କନ୍ନଡ଼ର ଉପ୍ପିନଙ୍ଗାଡିରେ ପହଞ୍ଚିଲେ ସେ ପୁଷ୍ପମୃଗକୁ ପାଇବା ଅସମ୍ଭବ ମନେକଲେ। ତେଣୁ ଏକାଥରେ ବଳକା ହଜାରେ କେଶ ପକାଇଦେଲେ। ଫଳରେ ସେଠାରେ ହଜାରେ ଶିବଲିଙ୍ଗ ଉତ୍ପନ୍ନ ହେଲା। ଏତେସଂଖ୍ୟକ ଲିଙ୍ଗକୁ ମୃଗଟି ପୂଜା କରିବା ଭିତରେ ଭୀମ ନିରାପଦରେ ଯଗ ମଣ୍ଡାପା ପହଞ୍ଚିଗଲେ। ଏମିତିଭାବେ ଏଠାରେ ଏତେ ସଂଖ୍ୟକ ଶିବଲିଙ୍ଗ ଥିବା କୁହାଯାଏ।

**ଇତିହାସ କହେ:** ତେବେ ଇତିହାସ କହେ ସିର୍‌ସି ରାଜ୍ୟର ଶାସକ ସଦାଶିବ ରାୟବର୍ମା ୧୬୭୮-୧୭୧୮ ମଧ୍ୟରେ ଏହି ସହସ୍ରଲିଙ୍ଗ ତିଆରି କରାଇଥିଲେ। କେବଳ ଲିଙ୍ଗ ନୁହେଁ ଅନେକ ନନ୍ଦୀର ପ୍ରତିକୃତି ବି ସେ ଖୋଦେଇ କରାଇ ନିର୍ମାଣ କରାଇଥିଲେ। ଯଦିଓ ଏହାର କୌଣସି ଠିକ୍ ପ୍ରମାଣ ମିଳି ନାହିଁ। ତେବେ ଆଉ କେହି କେହି କୁହନ୍ତି କର୍ଣ୍ଣାଟକ, ସୋଣ୍ଡାର ରାଜା ନିଃସନ୍ତାନ ଥିଲେ। ଥରେ ଜଣେ ଋଷି ତାଙ୍କୁ ସହସ୍ର ଶିବଲିଙ୍ଗ ସ୍ଥାପନ ପାଇଁ ପରାମର୍ଶ ଦେଲେ। ତେଣୁ ରାଜା ଶଲ୍‌ମାଲା ନଦୀରେ ଥିବା ପ୍ରାୟ ସବୁ ଶିଳାରେ ଶିବଲିଙ୍ଗ ନିର୍ମାଣ କରାଇଥିଲେ। କୁହାଯାଏ ଏହି ଶିବଲିଙ୍ଗସବୁ ସେବେଠାରୁ ଏଠାରେ ଅଛି। ରାଜାଙ୍କ ଭଳି ଅନ୍ୟ ନିଃସନ୍ତାନ ଦମ୍ପତି ମଧ୍ୟ ପୂଜା କରି ସନ୍ତାନ ପ୍ରାପ୍ତି କରନ୍ତି।

ଏହି ସହସ୍ର ଶିବଲିଙ୍ଗର ଅଦ୍ଭୁତ ଦୃଶ୍ୟ ଜଳସ୍ତର କମ୍ ଥିଲେ ଦୃଶ୍ୟମାନ ହୁଏ। ବର୍ଷାଦିନେ ଦୃଶ୍ୟମାନ ହୁଏ ନାହିଁ। ଶିବରାତ୍ରି ଏଠାରେ ବେଶ୍ ଧୁମଧାମ୍‌ରେ ପାଳନ ହୁଏ।

**କମ୍ବୋଡିଆର ସହସ୍ରଲିଙ୍ଗ:** କମ୍ବୋଡିଆର ସିଏମ୍ ରିପ୍ ପ୍ରାନ୍ତରେ ଥିବା କ୍ବଙ୍ଗ କ୍ବାଲ ସ୍ପିନ ନଦୀରେ ବି ଦେଖିବାକୁ ମିଳେ ସହସ୍ରଲିଙ୍ଗର ଅଦ୍ଭୁତ ଦୃଶ୍ୟ। ତେଣୁ ଏହାକୁ 'ଭ୍ୟାଲି ଅଫ୍ ଏ ୧୦୦୦ ଲିଙ୍ଗସ୍' ବା 'ରିଭର୍ ଅଫ୍ ଥାଉଜାଣ୍ଡ ଲିଙ୍ଗସ୍' ବୋଲି କୁହାଯାଏ। ଏହି ଲିଙ୍ଗଗୁଡିକ ସିର୍‌ସିରେ ଥିବା ସହସ୍ର ଲିଙ୍ଗ ଭଳି ଅଲଗା ଅଲଗା ହୋଇ ନାହିଁ ବରଂ ଲିଙ୍ଗଗୁଡ଼ିକ ଲାଗି ଲାଗି ହୋଇ ଅଛି। ଆଉ ଲିଙ୍ଗର ଶଯ୍ୟା ଭଳି ପ୍ରତୀୟମାନ ହୁଏ। କୁହାଯାଏ ଏହି ଶିବଲିଙ୍ଗ ଏକାଦଶ ଶତାବ୍ଦୀର। ୧୯୬୯ରେ ଏଥ୍‌ନୋଲୋଜିଷ୍ଟ ଜିନ୍ ବୋଲବେଟ୍ ଏହାକୁ ଆବିଷ୍କାର କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ କମ୍ବୋଡିଆ ସିଭିଲ ୱାର ପାଇଁ ଏହି ସ୍ଥଳଟି ପ୍ରାୟ ଦୁଇ ଦଶନ୍ଧି ପର୍ଯ୍ୟନ୍ତ ଲୋକଲୋଚନକୁ ଅସିପାରି ନ ଥିଲା। ହେଲେ ଏବେ ଏହା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି। ଯାହାକି ଆଙ୍ଗକର ୱାଟଠାରୁ ପ୍ରାୟ ୨୫ କି.ମି. ଦୂରରେ ଅବସ୍ଥିତ। ଏସବୁ ଶିବଲିଙ୍ଗ ନଦୀ ଭିତରେ ଅଛି। ତେବେ ସିର୍‌ସିରେ ଯେମିତି ସହସ୍ର ଶିବଲିଙ୍ଗଙ୍କୁ ପବିତ୍ର ମନେ କରାଯାଇ ପୂଜା କରାଯାଏ, ଏଠାରେ କିନ୍ତୁ ସେଭଳି ହୋଇ ନ ଥାଏ। ଏହା କେବଳ ଏକ ମୁଖ୍ୟ ପର୍ଯ୍ୟଟନସ୍ଥଳ ପାଲଟିଛି। ଏହି ଲିଙ୍ଗ କିଏ କେବେ କରାଇଥିଲେ ସେନେଇ ଇତିହାସରେ ବିଶେଷ ତଥ୍ୟ ନାହିଁ।

ତେବେ ଇତିହାସରୁ ଜଣାପଡ଼େ ରାଜା ସୂର୍ଯ୍ୟବର୍ମନ ପ୍ରଥମଙ୍କ ରାଜତ୍ୱ କାଳରେ ଏହି ଲିଙ୍ଗ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଉ ଉଦୟାଦିତ୍ୟ ବର୍ମନ ଦ୍ୱିତୀୟଙ୍କ ରାଜତ୍ୱ କାଳ ସମୟରେ ସରିଥିଲା। ଏହି ଦୁଇ ରାଜା ଏକାଦଶ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟଭାଗରେ ଶାସନ କରୁଥିଲେ। ଅଧିକାଂଶ ଲିଙ୍ଗ ଖୋଦେଇ କାମ ରାଜା ଉଦୟାଦିତ୍ୟ ବର୍ମନଙ୍କ ରାଜୁତି କାଳରେ ହୋଇଥିବା କୁହାଯାଏ। ଏହବାଦ୍ ସେ ଏକ ସୁବର୍ଣ୍ଣ ଲିଙ୍ଗ ବି ନିର୍ମାଣ କରାଇଥିଲେ।







# ସମାଜସେବାକୁ ଈଶ୍ୱରଙ୍କ ନିର୍ଦ୍ଦେଶ ମନେକରେ



ଦିନେ କି ଦୁଇଦିନ ନୁହେଁ ଦୀର୍ଘ ୧୬ବର୍ଷ ଧରି ଅନେକ ଅସହାୟ ଲୋକ ଓ ପ୍ରାଣୀମାନଙ୍କର ସେବା କରିବାରେ ସେ ଅପାର ଆନନ୍ଦ ପାଇଥାନ୍ତି। ଯେତେବେଳେ ତାଙ୍କ ନଜରରେ କେହି ଗରିବ ଅସହାୟ ବ୍ୟକ୍ତି କୌଣସି ମେଡିକାଲ ଯିବାକୁ ଚାହାଁନ୍ତି ସେ ତାଙ୍କୁ ଉପଯୁକ୍ତ ସ୍ଥାନରେ ପହଞ୍ଚାଇବା ସହିତ ନିଜର ସାଧ୍ୟମତେ ସାହାଯ୍ୟ ସହଯୋଗର ହାତ ବଢାଇଥାନ୍ତି। ସେ ହେଲେ ସାମାଜିକ କର୍ମୀ **ପ୍ରିୟବ୍ରତ ପଣ୍ଡା**। ଘର କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକ ଅଧୀନ ନାନକାର ଗାଁରେ। ପିଲାବେଳୁ ହିଁ ତାଙ୍କ ଭିତରେ ସମାଜସେବା ପ୍ରତି ଗୋଟେ ଆଗ୍ରହ ରହିଥିଲା। ସେ ସମ୍ପର୍କରେ ପ୍ରିୟବ୍ରତ କୁହନ୍ତି, ''ମୋ ବାପା ଦୁର୍ଯ୍ୟୋଧନ ପଣ୍ଡା ଗାଁରେ ପୂଜକ ଭାବେ କାର୍ଯ୍ୟ କରୁଥିବାବେଳେ ମା' ପ୍ରଭାତୀ ପଣ୍ଡା ଗୃହିଣୀ। ଆମେ ୩ ଭାଇ ଓ ୨ଭଉଣୀ। ମୋର ଯାହା ମନେ ପଡୁଛି ୩ୟ ଶ୍ରେଣୀରେ ପଢୁଥିବାବେଳେ ଆମ ସାହିତ୍ୟ ବହିରେ ପଢାଯାଉଥିବା 'ତୁମପରି ଛୋଟ ପିଲାଟିଏ' କବିତା ଶୁଣି ସ୍କୁଲରୁ ଘରକୁ ଫେରିଲା ପରେ ଗାଁ ରାସ୍ତାରେ ରହିଥିବା ଏକ ଖାଲୁଆ ଜାଗାରେ ମାଟି ପକାଇ ଉଚ୍ଚ କରିଥିଲି। କାରଣ ବର୍ଷାଦିନେ ସେହି ଜାଗାରେ ବେଶି ପାଣି ଜମୁଥିବାରୁ ସେହି ବାଟଦେଇ ସ୍କୁଲକୁ ଆସୁଥିବା ପିଲାମାନେ ବହୁତ ହଇରାଣ ହେଉଥିଲେ। ସେଦିନ ମୁଁ କାମ କରୁଥିବା ଦେଖି ମୋ ବାପା, ବଡ଼ବାପା ଓ ଅନ୍ୟ କେତେଜଣ ସାଙ୍ଗ ମୋତେ ସହଯୋଗ କରିଥିଲେ ଆଉ ସମସ୍ତଙ୍କଠାରୁ ଢେର୍ ପ୍ରଶଂସା ପାଇଥିଲି। ସେବେଠାରୁ ଆଉ ପଛକୁ ଫେରିନାହିଁ।'' ଏହାବାଦ୍ ପ୍ରିୟବ୍ରତ ଗାଁରେ ଗଛ ଲଗାଇବା, ଗାଁ କେନାଲରେ ଯିବା ଆସିବା ସୁବିଧା ପାଇଁ ବାଉଁଶ ପୋଲ କରିବା, ବୁଲା ଗୋରୁଙ୍କୁ ଖାଦ୍ୟ ଦେବା, ପୁଣି କାହାରି ଦେହ ପା' କିଛି ଖରାପ ହେଲେ ତାଙ୍କୁ ଡାକ୍ତର ଖାନାକୁ ନେବାରେ ଆଗଭର ହୋଇଥାନ୍ତି; ଯାହା ଏବେ ତାଙ୍କର ନିତିଦିନିଆ ଅଭ୍ୟାସ। ସେ କୁହନ୍ତି, କଲେଜରେ ପଢିଲାବେଳେ ବିଭିନ୍ନ ସେବା ଶିବିରରେ ଯୋଗ ଦେଇଛି; ଯାହା ମୋତେ ଅନେକ ଶିକ୍ଷା ଦେବା ସହ ନୂଆନୂଆ ଅନୁଭୂତି ବି ସାଉଁଟିଛି। ଗ୍ରାଜୁଏଶନ୍ ପରେ ରୋଜଗାର ପାଇଁ ରାଜଧାନୀକୁ ଆସିଲି। ଭୁବନେଶ୍ୱରରେ ରହୁଥିବାବେଳେ ଥରେ ଏକ ଦୁର୍ଘଟଣାରେ ଗୋଟିଏ ଷଣ୍ଢ ଆହତ ହୋଇପଡ଼ିଥାଏ। ତା'ର ଚିକିତ୍ସା ଲାଗି ସେଠାକୁ ଯାଇଥିବାବେଳେ ସେଠାରେ ଜାତୀୟସ୍ତରୀୟ ପୁରସ୍କାରପ୍ରାପ୍ତ ସାମାଜିକକର୍ମୀ ସୁଶାନ୍ତ କୁମାର ସାହୁଙ୍କ ସହିତ ଭେଟ ହେଲା। ତାଙ୍କ କାର୍ଯ୍ୟଧାରା ବିଷୟରେ ଜାଣି ମୁଁ ପ୍ରଭାବିତ ହେବା ସହ ସେବାକାର୍ଯ୍ୟ ପ୍ରତି ଅଧିକ ଉତ୍ସାହିତ ହେଲି। ବିଭିନ୍ନ ସମୟରେ ଦୁର୍ଘଟଣାରେ ଆହତ ଅଜଣା ବ୍ୟକ୍ତିବିଶେଷଙ୍କ ବ୍ୟତିତ ଅସହାୟ ପ୍ରାଣୀମାନଙ୍କୁ ବି ଉଦ୍ଧାରକରି ଚିକିତ୍ସାଳୟକୁ ନେବା ସହ ସୁସ୍ଥ ହେବା ପରେ ତାଙ୍କୁ ତାଙ୍କ ଘରେ ନେଇ ପହଁଞ୍ଚାଇ ଦେଉଥିଲି। ପୁଣି ରାସ୍ତାରେ ବୁଲୁଥିବା ପାଗଳ ଲୋକଙ୍କୁ ଦେଖିଲେ ତାଙ୍କୁ ନେଇ ପାଗଳଖାନାରେ ଛାଡ଼ିବା ସହ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ମାନସିକ ସ୍ଥିତି ଉପରେ ବରାବର ନଜର ରଖିଥାଏ। ଭୁବନେଶ୍ୱରକୁ ଦୂରଦୂରାନ୍ତରୁ ଆସୁଥିବା କେହି ଅସହାୟ ରୋଗୀଙ୍କୁ ଠିକ୍ ଭାବରେ ଚିକିତ୍ସାଳୟରେ ପହଞ୍ଚାଇବାଠାରୁ ଆରମ୍ଭ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା କିପରି ପାଇପାରିବେ ସେ ବିଷୟରେ ତାଙ୍କୁ ସଚେତନ କରାଇବା ସହ ସହଯୋଗ କରିଥାଏ। ଏହାବାଦ୍ ଭୁବନେଶ୍ୱର ଉପକଣ୍ଠସ୍ଥ ଏକ ଆଦିବାସୀ ପଡ଼ାରେ ବିଭିନ୍ନ ସାମାଜିକ କାର୍ଯ୍ୟ କରି ସେଠାକାର ବାସିନ୍ଦାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସଜାରି ରଖିଛି। ଏହାଛଡ଼ା ଯଦି କୌଣସି ବ୍ୟକ୍ତି କୌଣସି ପ୍ରକାର ପାରିବାରିକ ସମସ୍ୟାରେ ଛନ୍ଦି ହୋଇ ଅସହାୟ ଅଛନ୍ତି, ସମାଧାନ ପାଇଁ ତାଙ୍କୁ ସଠିକ୍ ବ୍ୟକ୍ତିଙ୍କ ପାଖରେ ପହଁଞ୍ଚାଇଛି। ଏଥିଯୋଗୁ ମୁଁ ଅନେକ ଲୋକଙ୍କର ଭଲପାଇବା ଓ ଆର୍ଶୀବାଦ ପାଇଛି। କାହାରିଠାରୁ କେବେ କାଣୀ କଉଡ଼ିଟିଏ ଗ୍ରହଣ କରିନାହିଁ। କାରଣ ସମସ୍ତେ ଈଶ୍ୱରଙ୍କ ସନ୍ତାନ ଏହା ଈଶ୍ୱରଙ୍କ ନିର୍ଦ୍ଦେଶ ଭାବି ସେବା କରିଥାଏ; ଯାହା ମୋତେ ଆତ୍ମସନ୍ତୋଷ ଦେବା ସହ ନିଜକୁ ଧନ୍ୟ ମନେ କରିଥାଏ। ମୋର ଏହି କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ମୋତେ ଅନେକ ସମ୍ମାନ ବି ମିଳିଛି।

**–ବନବିହାରୀ**

# ମୋ ସ୍ୱପ୍ନ ଆଜି ସାକାର ହୋଇଛି



**ଖୁ**ବ୍ କମ୍ ବୟସରୁ ସେ ନିଜର ଅଧ୍ୟବସାୟ ବଳରେ କଳା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତର ନିତ୍ୟାନନ୍ଦ ସାହୁ ଓ ପ୍ରତିମା ସାହୁଙ୍କ ଜ୍ୟେଷ୍ଠପୁତ୍ର **ବିକାଶ କୁମାର ସାହୁ**। ସେ



କୁହନ୍ତି, ପିଲାଦିନେ ସ୍କୁଲ ବୟସରୁ ଚିତ୍ର ଅଙ୍କନ କରିବାକୁ ଖୁବ୍ ଭଲ ପାଉଥିଲି। ଛବିବହିର ଚିତ୍ରକୁ ନକଲକରି ଅଙ୍କନ କରୁଥିଲି। ଅଙ୍କନ କରିଥିବା ଚିତ୍ରକୁ ପରିବାର ଲୋକେ ଦେଖିବା ପରେ ମୋତେ ଉତ୍ସାହିତ କରିଥିଲେ; ଯାହାକି ମୋତେ ଏ କ୍ଷେତ୍ରରେ ଆଗକୁ ଯିବା ପାଇଁ ପ୍ରେରଣା ଦେଇଥିଲା ଆଉ ମୁଁ ଭବିଷ୍ୟତରେ ଜଣେ ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ଦେଖିଲି। ଦଶମ ଶ୍ରେଣୀ ପାସ୍ କରିବା ପରେ ବାଘମାରି ମିଳନ ପଥରମୂର୍ତ୍ତି ଶିଳ୍ପ କେନ୍ଦ୍ରରେ ଶିଳ୍ପୀ କଳ୍ପତରୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଥର ମୂର୍ତ୍ତି କାମ ଶିଖିଲି। ପରେ ବି.କେ.ଆର୍ଟ କଲେଜରେ ପଢିଲି। ମୋର କୃତିତ୍ୱ ମଧ୍ୟରେ ଗଞ୍ଜାମ ଜିଲାର ପୁରୁଷୋତ୍ତମପୁରଠାରେ ୬ଫୁଟ ଉଚ୍ଚତାର ଫାଇବରରେ ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା, ୧୧ଫୁଟ୍ ଉଚ୍ଚତାର ଦୁଷ୍ମନ୍ତ ଓ ଭରତଙ୍କ ମୂର୍ତ୍ତି ନିର୍ମାଣ କରି ମୁଁ ଖୁବ୍ ପ୍ରଶଂସା ସାଉଁଟିଛି। ମୋର କାରିଗରି ପାଇଁ ମୁଁ ବିଶେଷକରି କାଠ, ପଥର, ମାଟି, ସିମେଣ୍ଟ ଓ ଫାଇବରରେ ମୂର୍ତ୍ତି ତିଆରି କରିବା ସହ ପେଣ୍ଟିଂ ବି କରେ। ଏଯାଏ ଶତାଧିକ କଳାକୃତି ନିର୍ମାଣ କରିସାରିଲାଣି। ବିଶେଷକରି ମଣିଷମାନଙ୍କ ପ୍ରତିକୃତି ତିଆରି ପାଇଁ ଆଗ୍ରହ ପ୍ରକାଶ କରିଥାଏ।



କଳାକୁ ପେସାକରି ନିଜ ଭବିଷ୍ୟତ ଗଢିବାରେ ମୋତେ ବାଟ ମିଳିପାରିଛି। ଏବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ୨ବର୍ଷିଆ ଏମ୍‌ଭିଏ କୋର୍ସ ଚାଲିଛି। ବି.କେ. ଆର୍ଟ କଲେଜ, ଅଙ୍କୁର କାର୍ଯ୍ୟକ୍ରମ, ଲଳିତକଳା ଏକାଡେମୀ ଆଦି ତରଫରୁ ଆୟୋଜିତ ବିଭିନ୍ନ ଆର୍ଟ ଶିବିରରେ ଯୋଗ ଦେଇ ଅନେକ ଅନୁଭୂତି ସାଉଁଟିଛି। ମୋ କୃତି ପାଇଁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନ ପାଇଛି। ମୋ ସ୍ୱପ୍ନ ଏବେ ବାସ୍ତବ ହୋଇପାରିଛି। କାରଣ ଆଜି ଜଣେ ଯୁବଶିଳ୍ପୀ ଭାବେ ମୋର ପରିଚୟ ରହିଛି।



# ପ୍ରେମ

–ପ୍ରିୟଦର୍ଶିନୀ ମହାରଣା

ଟୋପେ ସୁଖ ଆଉ ଦୁଇଟୋପା ଲୁହର
ଚୁମ୍ବନରେ ମୁଁ ବାଟ ଚାଲୁଥାଏ
ଗଣି ଗଣି ଚାଲୁଥାଏ ଜହ୍ନରାତି
ବର୍ଷା ପାଇଁ ପାଦରେ ନୂପୁର ବାନ୍ଧେ
ଖରାକୁ ଯୋଡୁଥାଏ ମୋ ଭାଗ୍ୟ
ଶୀତର ଗୁମାନକୁ ପଣତରେ ଗଣ୍ଠିକରେ
ମଳୟର ଶିହରଣକୁ ନଈରେ ଭସାଇ ଦିଏ
ଜୀବନର ଗଜଲକୁ ବେଢ଼େଇନିଏ
ମୋ ଦେହ ଦେହଳିରେ ।

ପ୍ରେମର ସାତରଙ୍ଗ ଫୁଲ
ଯେବେ ଗଭାରେ ଖୋସେ
ବାଟ ଝୁଣ୍ଟେ
ଧୂଳିକୁ ଧପସାଇ
ଭୋକର ବୃତ୍ତ ଆଙ୍କେ
ନାନା ବାହାନାରେ ତୋତେ
ଦେଖୁଥାଏ ଥରକୁ ଥର
ସାତପତ୍ରୀ ଆଖିରେ ମୋର
ଖୁବ୍ ସୁନ୍ଦର ଇନ୍ଦ୍ରଧନୁ
ଢଳ ଢଳ ହୁଏ
ଏବେ ସକାଳର ଚୁମ୍ବନରେ
ଲାଲ ପଡ଼ିଯାଏ ମୋ ଗାଲ ।

ପହିଲି ରତୁଟି ଯେବେ ବାଟ ଭାଙ୍ଗିଯାଏ
ନିବିଡ଼ତାରେ ମୁଁ ଭିଡ଼ିଧରେ
ବେଳ ଅବେଳ
କଣ୍ଠର ମୋତିମାଳା ମୋର
ଖୁବ୍ ଥଣ୍ଡା ପଡ଼ିଯାଏ
ମୋ ସ୍ୱପ୍ନ ପୁଣି ବାକିଥାଏ ।

ଜନ୍ମ ଜନ୍ମର ନଈପଠାରେ
ଗାର ଟାଣୁଥାଏ
ପାଦ ମୋର୍
ହାତରେ ସଜାଡୁଥାଏ ବାଲିଘର
ସ୍ନାନ ଭୋଜନର
ଚଉବିଧି ସାରି ଏବେ
ଆଙ୍କୁଥାଏ ଶୟନର ଦୃଶ୍ୟ
ଚୁମ୍ବନର ସହସ୍ର ଓଠରେ ....।

– ବାଣପୁର , ଖୋର୍ଦ୍ଧା
ମୋ: ୬୩୭୧୨୨୯୨୦୯

# ରଙ୍ଗ ପରିବର୍ତ୍ତନ

ମୂଳ ହିନ୍ଦୀ – ସୁଭାଷ ନୀରବ
ଅନୁସୃଜନ – ମୀନାକ୍ଷୀ ରାଉତରାୟ

ଶେଷରେ ମନୋହରଲାଲଙ୍କ ମନ୍ତ୍ରୀ ହେବାର ବହୁଦିନର ସ୍ୱପ୍ନ ସାକାରହେଲା । ଶପଥ ସମାରୋହ ପରେ ସେ ମନ୍ତ୍ରଣାଳୟର ସୁସଜ୍ଜିତ କାର୍ଯ୍ୟାଳୟରେ ପହଞ୍ଚିଲେ । ସେଠାରେ ତାଙ୍କ ପ୍ରଶଂସକଙ୍କ ଲମ୍ବା ଧାଡ଼ି ଲାଗିଯାଇଥିଲା । ସେମାନେ ତାଙ୍କୁ ଅଭିନନ୍ଦନ ଜଣାଉଥିଲେ ।

ଦେଶ କି ବିଦେଶରେ ପ୍ରତିଷ୍ଠିତ କାଗଜର ପତ୍ରକାର ଆଉ ଖବରଦାତା ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଜଣେ ଖବରଦାତା ତାଙ୍କୁ ପଚାରିଲେ, ‘‘ମନ୍ତ୍ରୀ ହେବା ପରେ ଆପଣ ଆପଣଙ୍କର ମନ୍ତ୍ରଣାଳୟରେ କ’ଣ ସୁଧାର ଆଣିବାକୁ ଚାହିଁବେ ?’’

ସେ ତୁରନ୍ତ ଉତ୍ତର ଦେଲେ, ‘‘ସର୍ବପ୍ରଥମେ ମୁଁ ଫାଲ୍‌ତୁ ଖର୍ଚ୍ଚକୁ ତୁରନ୍ତ ବନ୍ଦ କରିବି ।’’ ‘‘ଦେଶ ଆଉ ଦେଶର ଜନତାଙ୍କ ବିଷୟରେ ଆପଣ କ’ଣ କହିବାକୁ ଚାହାନ୍ତି ?’’

ଏହି ପ୍ରଶ୍ନରେ ସେ ନେତାର ଭଙ୍ଗୀକୁ ଆସିଗଲେ ଆଉ ଚିରାଚରିତ ଧାରାରେ କହିବାରେ ଲାଗିଲେ, ‘‘ଦେଶରେ ବିକାଶର ଗତି ବହୁତ ଧୀର । ଦେଶକୁ ଉନ୍ନତି ଆଉ ପ୍ରଗତି ପଥରେ ନେବାକୁ ହେଲେ ଆମକୁ ବିଜ୍ଞାନ ଆଉ ଟେକ୍ନୋଲୋଜିର ସାହାଯ୍ୟ ନେବାକୁ ହେବ । ତା’ହେଲେ ଆମେ ଏକବିଂଶ ଶତାବ୍ଦୀରେ ପହଞ୍ଚିପାରିବା । ଏହାପାଇଁ ଦେଶର ନେତାଙ୍କୁ ଧାର୍ମିକ ଅନ୍ଧବିଶ୍ୱାସରୁ ଉପରକୁ ଉଠିବାକୁ ପଡ଼ିବ ।’’ ସେତେବେଳେ ମନ୍ତ୍ରୀଙ୍କୁ ସୂଚିତକଲେ ତାଙ୍କୁ ଦେଖା କରିବାକୁ ଛତରଗଡ଼ ବାଲା ଆତ୍ମାନନ୍ଦ ମହାଶୟ ଆସିଛନ୍ତି । ମନ୍ତ୍ରୀ ମହୋଦୟ କୋଠରିରେ ବସିଥିବା ଲୋକମାନଙ୍କୁ କ୍ଷମା ପ୍ରାର୍ଥନାକଲେ ଆଉ ସେମାନେ ସମସ୍ତେ କୋଠରି ବାହାରକୁ ଚାଲିଗଲେ ।

ମହାରାଜ କୋଠରିରେ ପ୍ରବେଶ କରିବା ମାତ୍ରେ ମନ୍ତ୍ରୀ ମହୋଦୟ ଆଗକୁ ଆସି ତାଙ୍କ ପାଦଛୁଇଁ କହିଲେ, ‘‘ମହାରାଜ ! ମୁଁ ନିଜେ ଆପଣଙ୍କୁ ଭେଟିବା ପାଇଁ ବ୍ୟାକୁଳ ଥିଲି, ଏସବୁ ଆପଣଙ୍କ କୃପାର ଫଳ ଯେଉଁଥିପାଇଁ ଆଜି...’’ ଆଶୀର୍ବାଦ ଦେବା ଭଙ୍ଗିରେ ମହାରାଜ ତାଙ୍କ ଡାହାଣ ହାତ ଉପରକୁ ଉଠାଇଲେ । ଆଗକୁ ବଢ଼ି ଚୁପ୍‌ଚାପ୍ ଚେୟାରରେ ବସିଗଲେ ।

ତାଙ୍କର ଶାନ୍ତ, ଗମ୍ଭୀର ଆଖି ପୂରା କୋଠରିକୁ ନିରୀକ୍ଷଣ କଲା ଆଉ ହଠାତ୍ ପାଟିକରି ଉଠିଲେ, ‘‘ଦୂରେଇ ରୁହ ମନୋହରଲାଲ ଦୂରେଇ ରୁହ !... ଏହି ସବୁଜ ରଙ୍ଗରୁ ଦୂରରେ ରୁହ । ଏହି ସବୁଜ ରଙ୍ଗ ତୁମ ରାଶି ପାଇଁ ଅଶୁଭ ଆଉ ଅହିତକାରୀ ।’’ ମନ୍ତ୍ରୀ ମହୋଦୟଙ୍କ ନଜର କୋଠରିରେ ବିଛାଯାଇଥିବା ସବୁଜ ରଙ୍ଗର ଦାମିକା ଗାଲିଚା, ସୋଫା ଆଉ ଝରକାରେ ଲାଗିଥିବା ସବୁଜ ରଙ୍ଗର ପରଦା ଆଡ଼କୁ ଗଲା । ପୂରା କୋଠରିରେ ସବୁଜ ରଙ୍ଗ ବିସ୍ତାରିଥିଲା । ‘‘ଜାଣିଛ, ତୁମ ପାଇଁ ନୀଳରଙ୍ଗ ଶୁଭ ଆଉ ହିତକାରୀ ।’’ ମହାରାଜ ତାଙ୍କୁ ସଚେତନ କଲେ । ମନ୍ତ୍ରୀ ମହୋଦୟ ତାଙ୍କ ସଚିବଙ୍କୁ ଡାକି ତାଙ୍କ ସହ କିଛି କଥାବାର୍ତ୍ତା କଲେ ଆଉ ତା’ପରେ ମହାରାଜଙ୍କୁ ନେଇ ତାଙ୍କ ବଙ୍ଗଳାକୁ ଚାଲିଗଲେ ।

ଏବେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ମନ୍ତ୍ରୀଙ୍କ କୋଠରିରୁ ସବୁଜ ରଙ୍ଗର ଗାଲିଚା, ସୋଫା ଆଉ ପର୍ଦ୍ଦା ଯାହା ତାଙ୍କର ପୂର୍ବତନ ମନ୍ତ୍ରୀଙ୍କ ଆଦେଶରେ କିଛିଦିନ ଆଗରୁ କିଣାଯାଇଥିଲା, ହଟାଇ ତା’ ଜାଗାରେ ନୀଳ ରଙ୍ଗର ନୂଆ ଗାଲିଚା, ସୋଫା ଆଉ ପରଦା ମଗାଇ ଯୁଦ୍ଧଭିତ୍ତିରେ ଲଗାଇବାରେ ଲାଗି ପଡ଼ିଲେ ।

–ଏ/୬୬, ପିପିଏଲ୍ ହାଉସିଂ କଲୋନି
ଖଣ୍ଡଗିରି, ଭୁବନେଶ୍ୱର
ମୋ : ୯୮୫୩୧୬୬୯୬୩

# ଫଗୁଣ ଆସୁଛି

–ସାଇପ୍ରିୟା ନାୟକ

କିଛି ଭଲପାଇବା ବାକିଥାଏ
ଫଗୁଣ ଆସିବା ଯାଏଁ
ଧୀରେ ଧୀରେ ପାକଳ ହୁଏ ତାତି
ସତେକି ମଝି ଆକାଶକୁ
ଉଠି ଆସନ୍ତି ସୂର୍ଯ୍ୟ
ପ୍ରତିଥର ପରି ପଳାସ ହସୁଥାଏ
ବାଟ ଧାରେ ଧାରେ
ପିଠିରେ ପିଠିଏ ପବନ
କେତେ କ’ଣ ସ୍ୱପ୍ନ
କେତେ ପ୍ରତିଶ୍ରୁତି
ସତେ ଯେମିତି ଏଥର
ଶେଷତମ ଫଗୁଣ ଆସୁଛି !!!

– ଭଦ୍ରକ
ମୋ:୭୯୭୮୪୯୩୮୯୪



# ରଜନୀଙ୍କ ପ୍ରଶଂସାରେ ଶ୍ରୁତି

**କ**ମଲ ହାସନଙ୍କ ତନୟା ଶ୍ରୁତି ହାସନ। ଏବେ ସେ ଯୁଆଡେ ଯାଉଛନ୍ତି ଜଣଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ସେ କିଏ ଜାଣବେନି ? ଆଉ ହଠାତ୍ ତାଙ୍କର ପ୍ରଶଂସାରେ ସେ ଏମିତି ଶତମୁଖ କାହିଁକି ? ହଁ, ଶ୍ରୁତି ଯାହାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି ସେ ହେଲେ ଦକ୍ଷିଣ ଭାରତୀୟ ସିନେମାର ବିଶିଷ୍ଟ ଅଭିନେତା ରଜନୀକାନ୍ତ। କଥା କ'ଣ କି ଏହି ଯୋଡି ଏବେ ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'କୁଲି'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ସମୟରେ ନିଜର ଏକ ଶଟ୍‌କୁ ନେଇ ଶ୍ରୁତିଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। ସେତେବେଳେ ତାଙ୍କ ପାଖ ସିଟ୍‌ରେ ବସିଥିବା ରଜନୀଙ୍କୁ ଏହାର ସମାଧାନର ସୂତ୍ର ପଚାରିଥିଲେ। ରଜନୀ ନିମିଷକ ମଧ୍ୟରେ ସେଗୁଡ଼ିକର ସମାଧାନ କରିଦେଇଥିଲେ। ଆଉ ତା'ପରେ ଶ୍ରୁତିଙ୍କ ଖୁସି ଦେଖେ କିଏ ? ବାସ୍, ତା'ପରେ ସେ ରଜନୀଙ୍କର ପ୍ରଶଂସା ଗାନ କରିବାରେ ଲାଗି ପଡିଛନ୍ତି। 'କୁଲି' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଲୋକେଶ କାନାଗରାଜ। ରଜନୀକାନ୍ତ ଏବଂ ଶ୍ରୁତିଙ୍କ ବ୍ୟତୀତ ଏହି ଫିଲ୍ମରେ ନାଗାର୍ଜୁନ, ଉପେନ୍ଦ୍ର, ସତ୍ୟରାଜଙ୍କୁ ଦେଖିବାକୁ ମିଳିବ। ଖାସ୍ କଥା ହେଲା ଏଥିରେ ଏକ ଗେଷ୍ଟ ରୋଲ୍‌ରେ ଆମୀର ଖାଁ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ପରଦା ଉପରକୁ ଆସିବ।


ଶ୍ରୁତି


ହୃତିକ

# ମାତ୍ର ୧୦୦ ଟଙ୍କା

**ହୃ**ତିକ ରୋଶନଙ୍କ ନାୟକ ଭାବରେ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ହୋମ ବ୍ୟାନରରେ ନିର୍ମିତ 'କହୋନା ପ୍ୟାର ହେ'ରୁ। ତେବେ ଏହାପୂର୍ବରୁ ସେ କ୍ୟାମେରା ସାମ୍ନା କରିସାରିଥିଲେ। ତାଙ୍କର ଜେଜେ ଜେ. ଓମ୍ ପ୍ରକାଶ ୧୯୮୦ରେ ଏକ ସିନେମା ନିର୍ମାଣ କରିଥିଲେ ଯାହାର ଟାଇଟଲ ଥିଲା 'ଆଶା'। ଏହାର ନାୟକ ସାଜିଥିଲେ ସେ ସମୟର ଲୋକପ୍ରିୟ ଅଭିନେତା ଜିତେନ୍ଦ୍ର। ଏଥିରେ ଜଣେ ଛୋଟ ପିଲା ଭାବରେ ହୃତିକ ନାଚିଥିଲେ। ଏ ବିଷୟରେ ହୃତିକ କହନ୍ତି, 'ସେତେବେଳେ ଜେଜେ ମୋତେ କହିଲେ, ଆରେ ଗୋଟିଏ ଫିଲ୍ମରେ ନାଚିବୁ ? ଯଦି ନାଚିବୁ ତେବେ ଆସନ୍ତାକାଲି ମୋ ସାଙ୍ଗରେ ଚାଲ। ତା'ପର ଦିନ ମୁଁ ଶୁଟିଂ ସେଟ୍‌କୁ ଗଲି ଆଉ ନାଚିଲି। ଜେଜେ ମୋ ହାତରେ ୧୦୦ଟଙ୍କା ଧରାଇ କହିଲେ, ଯା.. ଖର୍ଚ୍ଚ କରିବୁ। ସେଦିନର ସେହି ଶ୍ରଦ୍ଧାର ୧୦୦ଟଙ୍କାକୁ ମୁଁ ମୋର ପ୍ରଥମ ପାରିଶ୍ରମିକ ଭାବରେ ସୂଚିତ କରିଥାଏ। ପରେ ପାପା ରାକେଶ ରୋଶନଙ୍କ 'କହୋନା ପ୍ୟାର ହେ'ରେ ମୁଁ ନାୟକ ସାଜିଲି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ମୁଁ ନିଜକୁ ନାୟକ ଦୌଡରେ ସାମିଲ କରିପାରିଥିଲି।'

# ଅଭିନେତ୍ରୀ ହୋଇ ନ ଥିଲେ..

**ଯ**ଦି ଦୀପିକା ପାଦୁକୋନ୍ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କେଉଁ କ୍ୟାରିୟରକୁ ବାଛି ଥାଆନ୍ତେ ? ଯେହେତୁ ପୂର୍ବରୁ ସେ ମଡେଲିଂ ସହ ଜଡିତ ଥିଲେ। ତେଣୁ ହୁଏତ କେହି କେହି ଉତ୍ତର ଦେଇପାରନ୍ତି ଯେ ସେ ଜଣେ ମଡେଲ ହୋଇଥାଆନ୍ତେ। ହେଲେ ନା। ପ୍ରକୃତରେ ସେଇଆ ନୁହେଁ। ପିଲାଟି ଦିନରେ ତାଙ୍କର ଏକ ଇଚ୍ଛା ଥିଲା। ବଡ ହେଲେ ସେ ଦିନେ ନା ଦିନେ ଜଣେ ନାମୀ ବ୍ୟାଡମିଣ୍ଟନ ଖେଳାଳୀ ହେବେ। କାରଣ ତାଙ୍କର ଜନ୍ମ ଏକ ଖେଳ ପରିବାରରେ। ପ୍ରଖ୍ୟାତ ବ୍ୟାଡମିଣ୍ଟନ ଖେଳାଳୀ ପ୍ରକାଶ ପାଦୁକୋନଙ୍କର ଏହି କନ୍ୟା ସ୍କୁଲରେ ପଢ଼ିବା ସମୟରୁ ହିଁ ଏହି ଖେଳ ସହ ଜଡିତ ଥିଲେ। ଏପରିକି ପ୍ରଥମେ ସ୍କୁଲ, ପରେ ରାଜ୍ୟସ୍ତରୀୟ ଏବଂ ପରେ ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳୀ ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ ଦୀପିକା। ହେଲେ ପାଠ ପଢ଼ା ଶେଷ ହେବା ପରେ ସେ ମଡେଲିଂ ପ୍ରତି ଆକର୍ଷିତ ହୋଇଥିଲେ। ଆଉ ଏକ ଡିଭିଓ ଆଲବମ୍‌ର ଶୁଟିଂ ସମୟରେ ଫରାହ ଖାଁ ତାଙ୍କ ପ୍ରତିଭାକୁ ଲକ୍ଷ୍ୟ କରି ଅଭିନୟ କରିବାକୁ ଅଫର ଦେଇଥିଲେ। ଦୀପିକାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଓମ୍ ଶାନ୍ତି ଓମ୍'। ଏହି ଫିଲ୍ମରେ ଶାହରୁଖଙ୍କ ସହିତ ତାଙ୍କର ଯୋଡିକୁ ଦର୍ଶକ ଗ୍ରହଣ କରିଥିଲେ। ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ ବ୍ୟାଡ୍‌ମିଣ୍ଟନ ଖେଳାଳୀ ଭାବରେ ନିଜ କ୍ୟାରିୟରକୁ ଆଗେଇ ନେଇଥାଆନ୍ତେ।


ଦୀପିକା

# ଜ୍ୟୋତି ଯାହା ଚାହୁଁଥିଲେ...

**ବେ**ଳେବେଳେ ମଣିଷ ଯାହା ଚାହେଁ, ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଅଭିନେତା ଜ୍ୟୋତି ନାୟକ ଏକ ମନଲାଖି ରୋମାଣ୍ଟିକ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଥିଲେ। ଆଉ ସୌଭାଗ୍ୟକୁ ସେଭଳି ଏକ ରୋଲ୍‌ରେ ତାଙ୍କୁ ଦର୍ଶକ ଖୁବ୍ ଶୀଘ୍ର ଦେଖିବାକୁ ପାଇବେ। ଫିଲ୍ମଟିର ଟାଇଟଲ ରହିଛି 'ପରୀ'। ଓମ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ସୁଟିଂ ଏବେ ଓଡିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ। ନିର୍ଦ୍ଦେଶନା ଦେଉଛନ୍ତି ତ୍ରିପତି କୁମାର ସାହୁ। ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ଏହାର କାହାଣୀ ଅନ୍ୟ ସିନେମାଠାରୁ ଭିନ୍ନ। କାହାଣୀ ଅନୁସାରେ କିପରି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସଂଳାପ ଲେଖାଯିବ ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଫିଲ୍ମଟି ଦର୍ଶକାଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଚଳଚ୍ଚିତ୍ରର ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ଧୃବାନନ୍ଦ ପଣ୍ଡା। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ। ଜ୍ୟୋତିଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଅନୁରାଧା। ଏହାସହ ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ,ସୌମ୍ୟ ରଞ୍ଜନ ମହାନ୍ତି, ଗୁଲ୍ଲୁ ଏବଂ ଶିଶୁ କଳାକାର ଦିବ୍ୟାଂଶୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ଜ୍ୟୋତି

# କାହାକୁ ଡରନ୍ତି ଆଲିଆ

**ଆ**ଲିଆ ଭଟ୍ଟ ଗୋଟିଏ କଥାକୁ ଭାରି ଡରନ୍ତି। ତାହା କ'ଣ ଜାଣନ୍ତି ? ଅନ୍ଧକାର ଘରକୁ। ଥରେ କ'ଣ ହୋଇଥିଲା ନା, ଯେତେବେଳେ ସେ ଛୋଟ ଥିଲେ ହଠାତ୍ ବିଦ୍ୟୁତ୍ ଚାଲିଯାଇଥିଲା। ମାତ୍ର କେଇ ସେକେଣ୍ଡ ଭିତରେ ପୁଣି ପାୱାର ଆସିଥିଲା ସତ, ହେଲେ ସେତେବେଳର ସେହି ଘଟଣା ତାଙ୍କ ମନରେ ସକ୍ ଭାବରେ ରହିଯାଇଛି। ଏ ନେଇ ଆଲିଆ କହନ୍ତି, 'ପିଲାଟି ଦିନରୁ ମୋ ମନରେ ଅନ୍ଧାରକୁ ନେଇ ଭୟ ରହିଆସିଛି। ଏବେ ମୁଁ ବଡ ହେଲିଣି, ଘର ସଂସାର କଲିଣି, ତଥାପି ସେହି ଡର ମୋ ମନରେ ବସା ବାନ୍ଧି ରହିଛି। ମୋର ଆଉ ଏକ ବିଶ୍ୱାସ ରହିଛି। ଯଦି ମୁଁ କିଛି ସ୍ୱପ୍ନ ଦେଖେ, ତାହା ଦିନେ ନା ଦିନେ ସତ ହେବ ବୋଲି ମୋ ମନରେ ବିଶ୍ୱାସ ରହିଛି। ପିଲାଦିନେ ମୁଁ ମେହେନ୍ଦି ଲଗାଇବାକୁ ଅଧିକ ପସନ୍ଦ କରୁଥିଲି। କିନ୍ତୁ ପରେ ଏହାର ବାସ୍ନା ମୋତେ ଭଲ ଲାଗି ନ ଥିଲା। କେବଳ ମୋ ମ୍ୟାରେଜରେ ବାଧ ହୋଇ ମେହେନ୍ଦି ଲଗାଇଥିଲି। ଭଲ ଭଲ ଲେଖକଙ୍କ ରଚିତ ବହିକୁ ସଂଗ୍ରହ କରି ରଖିବା ଏବଂ ସମୟ ମିଳିଲେ ସେଗୁଡିକୁ ପଢ଼ିବା ମୋର ପଲାଟି ଦିନର ଆଉ ଏକ ଅଭ୍ୟାସ। ଏବେ ମଧ୍ୟ ଏହାକୁ ମୁଁ ଜାରି ରଖିଛି।'


ଆଲିଆ

# ସାହସୀ ତାପସୀ

**ତା**ପସୀ ପାନ୍ନୁଙ୍କୁ ନେଇ ଏବେ ଚର୍ଚ୍ଚା। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। କଥା କ'ଣ କି ଏବେ ସେ ଅଭିନୟ କରୁଥିବା ସିନେମା 'ଗାନ୍ଧାରୀ'କୁ ନେଇ ଆଲୋଚନାର ଶିରୋନାମା ପାଲଟିଛନ୍ତି। କାରଣ ଏହି ଫିଲ୍ମରେ ସେ ବେଶ୍ କେତୋଟି ଆକ୍ସନ ଶଟ୍ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାର କାହାଣୀ ମଧ୍ୟ ଦମଦାର। ଏକ ଘଟଣାକ୍ରମରେ ଜଣେ ଝିଅକୁ ଅପହରଣ କରିନିଆଯାଇଛି। ଏହାପରେ ନିଜ ଝିଅକୁ ଖୋଜିବା ପାଇଁ ମା'ବାହାରିଛି। ସାହସର ସହ ବିଭିନ୍ନ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ପଡିଛି। ହେଲେ ଶେଷରେ ନିଜ ଝିଅକୁ ଅପହରଣକାରୀଙ୍କ ନିକଟରୁ ସେ ଉଦ୍ଧାର କରିପାରୁଛି ତ ? ଏହାର ଉତ୍ତର ଜାଣିବା ପାଇଁ ଆପଣଙ୍କୁ ଏହି ଫିଲ୍ମଟିକୁ ଦେଖିବାକୁ ହିଁ ପଡିବ। ଏଥିରେ ମା' ଭୂମିକାରେ ଅଭିନୟ କରିଛନ୍ତି ତାପସୀ ପାନ୍ନୁ। ତାଙ୍କର ନାୟକ ସାଜିଛନ୍ତି ଇଶ୍ୱାକ ସିଂ। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା କରିଛନ୍ତି କାନିକା ଧୀଲୋଁନ। ନିର୍ଦ୍ଦେଶନା ଦେଇଛନ୍ତି ଦେବାଶିଷ ମଖିଜା। ଫିଲ୍ମଟି ସେନ୍‌ସର୍ ସାର୍ଟିଫିକେଟ ପାଇବାକୁ ଅପେକ୍ଷା କରିଛି ଏବଂ ଚଳିତ ବର୍ଷ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ତାପସୀ

# ପରିବାର ସଦସ୍ୟଙ୍କ ସହ ଖୁସି ବାଣ୍ଟିଥିଲି

**ପ୍ରଥମ ରୋଜଗାର**



ଗାଳ୍ପିକା **ଶକ୍ତିପ୍ରଦା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ରେ ନିଜ ଘର ହୋଇଥିଲେ ହେଁ, ନନାବୋଉ ଯେହେତୁ କଳାହାଣ୍ଡିରେ ଶିକ୍ଷକତା କରୁଥିଲେ ତେଣୁ ମୋ ପାଠପଢ଼ା ସେଇଠି ହିଁ ହୋଇଥିଲା। ମୁଁ ଥିଲି ଘରର ବଡ଼ଝିଅ, ମୋ ତଳକୁ ଦୁଇ ଭାଇ। ଯୁକ୍ତ ୨ ପଢ଼ିବା ସମୟରେ ନନାଙ୍କର ହଠାତ୍ ହୃଦ୍‌ଘାତରେ ମୃତ୍ୟୁ ହୋଇଗଲା। ଆମ ପରିବାର ଉପରେ ସତେ ଯେମିତି ଅକାଳ ଚଡ଼କ ପଡ଼ିଗଲା। ବୋଉର ଚାକିରି ହିଁ ଏକମାତ୍ର ପନ୍ଥା ଥିଲା ଆମମାନଙ୍କ ଭରଣପୋଷଣ ପାଇଁ। ତା'ର ଗୋଟେ ଗୋଡ଼ ରହୁଥିଲା ସ୍କୁଲରେ ଆଉ ଗୋଟେ ଗୋଡ଼ ଘରେ। ଘରକଥା ବୁଝି ତରବରରେ ସ୍କୁଲ ବାହାରିଲା ବେଳକୁ ତା'ର ଗୋଳାଗୋଳି କରି ଠିଆ ଠିଆ ଖାଇବା, ଦୌଡ଼ି ଦୌଡ଼ି ସବୁ କାମ କରିବା ଆଦିକୁ ଦେଖି ଦେଖି ମୁଁ ମନେମନେ ସ୍ଥିର କରି ନେଇଥିଲି ଯେ, ଜୀବନରେ କେବେ ବି ଚାକିରି କରିବିନି ବୋଲି! କିନ୍ତୁ ନନା ଯିବା ପରେ ଘରର ପରିସ୍ଥିତିକୁ ଦେଖି କେତେବେଳେ କେମିତି ଚାକିରି କଥା ମନରେ ଆସୁଥିଲେ ବି ଚାକିରି କରିବି ଏ ଜିଦ୍‌ଟା କେବେ ବି ଆସୁ ନ ଥିଲା ମନ ଭିତରେ। କାରଣ ବୋଉର ସୋରିଆସିସ୍ ନାମକ ଏକ ଚର୍ମ ରୋଗ ହୋଇଥିବାରୁ ତାକୁ ବାରମ୍ବାର ଡାକ୍ତରଖାନା ଯିବାକୁ ପଡୁଥିଲା। ତା' ଅନୁପସ୍ଥିତିରେ ନିଜ ପାଠପଢ଼ା ସହ ଘରର ଓ ଭାଇମାନଙ୍କର ସବୁ କଥା ମୋତେ ହିଁ ବୁଝିବାକୁ ପଡୁଥିଲା। କହିବାକୁ ଗଲେ ଜୀବନ ଏମିତି, ଏକାନ୍ତ ନିଶ୍ଚିନ୍ତରେ ବସି ଚାକିରି କଥା ଭାବିବାକୁ କେବେ ବି ମୋତେ ସୁଯୋଗ ଦେଇ ନ ଥିଲା। ତଥାପି ଓଡ଼ିଆ ଅନର୍ସ ନେଇ ଗ୍ରାଜୁଏଶନ୍ ସରିବା ପରେ ପିଜିଡିସିଏ କୋର୍ସ କରିଥିଲି। ହେଲେ ୨୦୦୭ରେ ହଠାତ୍ ମୋ ବାହାଘର ଠିକ୍ ହୋଇଗଲା। ଶାଶୁଘର କଟକରେ। ଶାଶୁଘରର ଯାବତୀୟ କାମ, ସମସ୍ତଙ୍କ ଇଚ୍ଛା ମୁତାବକ ଦିନକୁ ଛଅଥର ରନ୍ଧାବଢ଼ା, ଦିଅଁଙ୍କ କାମ, ବାରମାସର ପର୍ବପର୍ବାଣି, ପିଠାପଣା, ରୋଗ ବୈରାଗ, କୁଣିଆ ମୈତ୍ର, ଛୋଟ ଛୁଆର ଜଞ୍ଜାଳ ଭିତରେ ସୁରୁଖୁରୁରେ ମୋ ଜୀବନ ବିତିଚାଲିଥିଲା। ଏସବୁ ଭିତରେ ହଠାତ୍ ୨୦୧୪/୧୫ରେ କୌଣସି ବ୍ୟକ୍ତିଗତ କାରଣରୁ ପରିବାରରେ ଦେଖାଦେଲା କିଛି ଅଭାବ ଅସୁବିଧା। ସେତିକିବେଳେ ମୋ ମନରେ ଚାକିରି କରିବାର ଇଚ୍ଛା ପୁଣି ଜାଗ୍ରତ ହେଲା। ଏଠି ସେଠି ବୁଝାବୁଝି କରିବା ପରେ ଈଶ୍ୱରଙ୍କ କୃପାରୁ ୨୦୧୭ରେ ଗୋଟେ ଘରୋଇ ସ୍କୁଲରେ ମୋତେ ଚାକିରି ମିଳିଲା। ମାସକୁ ଦରମା ୩ ହଜାର ଟଙ୍କା। ପ୍ରଥମ ମାସର ଦରମା ଯେଉଁଦିନ ପାଇଲି ସେଦିନ ସନ୍ଧ୍ୟାରେ ଠାକୁରଙ୍କ ପାଖେ ଭୋଗ ଲଗାଇବାକୁ ଛେନାପୋଡ଼ ଆଣିଥିଲି ଆଉ ବାକି ଟଙ୍କାତକ ଠାକୁରଙ୍କ ପାଦତଳେ ରଖିଦେଇଥିଲି। କିଛିଦିନ ପରେ ଆମର ବିବାହ ବାର୍ଷିକୀ ପଡିବାରୁ ସ୍ୱାମୀଙ୍କୁ ଉପହାର ଦେବା ପାଇଁ ଠାକୁରଙ୍କ ପାଖରୁ ସେଇ ଟଙ୍କା ନେଇ ଗୋଟେ ହାତ ଘଣ୍ଟା କିଣିଥିଲି। ତା'ସହିତ ଶାଶୁ ଓ ଯାଆଙ୍କ ପାଇଁ ବି ଶାଢ଼ି ଆଣିଥିଲି।

ବାକି ଟଙ୍କାରେ ଘର ଲୋକଙ୍କ ପାଇଁ ରାତି ଖାଇବା କିଣି ଆଣିଥିଲି। ନିଜ ରୋଜଗାରରେ ସମସ୍ତଙ୍କ ସହିତ ଖୁସି ବାଣ୍ଟିବା ସେଦିନ ମୋତେ ଖୁବ୍ ଆନନ୍ଦ ଦେଇଥିଲା। ଆଉ ସେହି ମୁହୂର୍ତ୍ତରେ ବୋଉର ଗୋଟେ କଥା ମୁଁ ଠିକ୍ ଅନୁଭବ କରିପାରୁଥିଲି ଯେ, ''ଏତେ କଷ୍ଟ ପରେ ବି ବୋଉ ଚାକିରି କାହିଁକି ଛାଡ଼ିପାରୁ ନ ଥିଲା ଆଉ ମୋତେ ଚାକିରି କରିବା ପାଇଁ କାହିଁକି ସେ ବାରମ୍ବାର ବୁଝାଉଥିଲା।'' ସତରେ ଦୁନିଆର ସବୁ ଖୁସି ଗୋଟେ ପଟେ ଆଉ ଗୋଟେ ପଟେ ଏଇ ଖୁସି, ନିଜ ରୋଜଗାର, ନିଜ ପାରିବା ପଣିଆର ଖୁସି। କିନ୍ତୁ ସେ ଖୁସି ବି ବେଶିଦିନ ରହିଲାନି ମୋ ପାଖରେ। ୨୦୧୯ରେ ଶାଶୁଙ୍କ ଦେହ ଖରାପ ହେବାରୁ ବାଧହୋଇ ଚାକିରି ଛାଡିବାକୁ ପଡିଲା। ତା'ପରଠୁ ଆଉ ବିଧିବଦ୍ଧ ଚାକିରି କରିନି। ପାରିବାରିକ ଜଞ୍ଜାଳ ଭିତରେ ଯେବେ ବି କିଛି ଖାଲି ସମୟ ପାଇଛି, ତା'ଭିତରେ କବିତା, ଗପ, ନିବନ୍ଧ ଆଦି ଲେଖିବାକୁ ଚେଷ୍ଟା କରିଛି। ଯା'ଭିତରେ ମୋ ଲିଖିତ ପ୍ରାୟ ୨୫ଟି ଗପ ଏବଂ ଅନେକ କବିତା ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ତା'ସହିତ 'ସ୍ମୃତି ଅସରନ୍ତି' ଶୀର୍ଷକ ଏକ କବିତା ସଂକଳନ ବି ମୋର ପ୍ରକାଶିତ ହୋଇଛି। ଅବଶ୍ୟ ଏହି ଲେଖାଲେଖିରୁ କେତେବେଳେ କେମିତି ସ୍ୱଳ୍ପ ରୋଜଗାର ହେଇଛି ଆଉ ତାକୁ ପରିବାର ପାଇଁ ଖର୍ଚ୍ଚ ବି କରିଛି କିନ୍ତୁ ସେହି ୩ହଜାର ଟଙ୍କାର ମୂଲ୍ୟ ଆଜି ବି ମୋ ପାଇଁ ଅମୂଲ ମୂଲ ହୋଇରହିଛି।

# ଟିକିଏ ରୁଷାକୁ ଚେନାଏ ହସ, ବଡ ଅଜବ ଏ ପ୍ରେମର ଫାଶ

**ସାଥୀ**



**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ କ'ଣ ସତରେ ମୋତେ ଭଲ ପାଉଛି ?

*–ପ୍ରମୋଦ କୁମାର ସାହୁ, ଢେଙ୍କାନାଳ*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଟିକିଏ ରୁଷାକୁ ଚେନାଏ ହସ, ବଡ ଅଜବ ଏ ପ୍ରେମର ଫାଶ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ଦେଖିବେ ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଥିବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ? *–ତୁହିନା, କଟକ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। କିନ୍ତୁ କହୁନି କାହିଁକି ?

*–ବିବେକ ରାଉତ, ବ୍ରହ୍ମପୁର*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ଏହାର ଅର୍ଥ ଆପଣ ତା'ର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତା'ହେଲେ ଆପଣ ଅଧୈର୍ଯ୍ୟ ନ ହୋଇ ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ଦୁଷ୍ମନ୍ତ ନାୟକ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରାନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତା'ର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ? *–ବିଜୟ ନାଥ, ପୁରୀ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, କିନ୍ତୁ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଆଉ ସେହି କଥାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

# ସୁଟ୍‌ରେ ଲାଗିବେ ଆକର୍ଷଣୀୟ

**ପୂଜାପର୍ବ ସମୟରେ କ'ଣ ପିନ୍ଧିଲେ ଆକର୍ଷଣୀୟ ପୂଜା ଲୁକ୍ ପାଇହେବ, ସେ ନେଇ ବେଳେବେଳେ ଝିଅମାନେ ଦ୍ୱନ୍ଦ୍ୱରେ ପଡିଥାନ୍ତି। ସେହି କଥାକୁ ନଜରରେ ରଖି କିଛି ଖାସ୍ ଆଉଟ୍‌ଫିଟ୍ ସମ୍ପର୍କରେ ଏଠାରେ ସୂଚନା ଦିଆଯାଉଛି; ଯାହାକୁ ମହାଶିବରାତ୍ରୀରେ ପିନ୍ଧି ଝିଅମାନେ ଆକର୍ଷଣୀୟ ଲୁକ୍ ପାଇପାରିବେ...**





* **ଜରି ୱାର୍କ ସିଲ୍କ ସୁଟ୍:** ଯେ କୌଣସି ଅକେଜନ୍ ହେଉନା କାହିଁକି ଏହି ଟାଇପ୍‌ର ଆଉଟ୍‌ଫିଟ୍ ଟ୍ରାଏ କଲେ ରୟାଲ୍ ଲୁକ୍ ମିଳିଥାଏ। ମହାଶିବରାତ୍ରୀ ଅବସରରେ ପିନ୍ଧିବା ପାଇଁ ଏହା ଏକ ବେଷ୍ଟ ଅପ୍ସନ ହୋଇପାରେ। ଏହି ଆଉଟ୍‌ଫିଟ୍ ସାଙ୍ଗକୁ ଗୋଲ୍ଡେନ୍ ଝୁମ୍‌କା ଏବଂ ହାଲ୍‌କା ଡିଜାଇନ୍‌ର ଚେନ୍, ପେଣ୍ଡାଣ୍ଟ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।
* **ନାୟରା କଟ୍ ସୁଟ୍:** ଏହି ଟାଇପ୍‌ର ଆଉଟ୍‌ଫିଟ୍‌ର ଚାହିଦା ଏବେ ଖୁବ୍ ରହୁଥିବା ଦେଖିବାକୁ ମିଳୁଛି। ଲାଇଟ୍ ୱେଟ୍‌ର ଆସୁଥିବା ଏହି ସୁଟ୍ ପିନ୍ଧିବାକୁ ଯେମିତି କମ୍ଫଟେବଲ୍ ଲାଗିଥାଏ ଝିଅମାନଙ୍କୁ ସେମିତି ସୋବର୍ ଲୁକ୍ ବି ଦେଇଥାଏ। ଖାସ୍‌କରି ମହାଶିବରାତ୍ରୀ ଅବସରରେ ହାଲ୍‌କା ଜୁଏଲେରୀ ସାଙ୍ଗକୁ ଏହି ଟାଇପ୍‌ର ଆଉଟ୍‌ଫିଟ୍ ଟ୍ରାଏ କଲେ ଝିଅମାନଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ।
* **ବାନ୍ଧନି ପ୍ରିଣ୍ଟ ସୁଟ୍:** ପୂଜାପର୍ବ ଅବସରରେ ବାନ୍ଧନି ପ୍ରିଣ୍ଟର ସାଲୱାର୍ ସୁଟ୍ ହେଉ କି ଶାଢି ପିନ୍ଧିବା ଅନେକ ଝିଅଙ୍କର ପ୍ରଥମ ପସନ୍ଦ ହୋଇଥାଏ। କାରଣ ଏହି ପ୍ରିଣ୍ଟର ଆଉଟ୍‌ଫିଟ୍‌ଗୁଡ଼ିକ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିଲେ ବି ସେମିତି ସଫ୍ଟ ଓ ସୋବର୍ ଲୁକ୍ ଦେଇଥାଏ। ଯଦି ମହାଶିବରାତ୍ରୀ ଅବସରରେ ଏହି ଟାଇପ୍‌ର ସାଲୱାର୍ ସୁଟ୍ କି ଶାଢି ପିନ୍ଧିବାକୁ ଇଚ୍ଛା କରୁଥାନ୍ତି, ତା'ହେଲେ ହାଲ୍‌କା ମେକ୍‌ଅପ୍ ସାଙ୍ଗକୁ ହାଲ୍‌କା ଜୁଏଲେରୀ ଏହି ଲୁକ୍‌କୁ ଆହୁରି ହାଇଲାଇଟ୍ କରିଥାଏ।
* **ଅନାରକଲି ସୁଟ୍:** ପୂଜାପାର୍ବଣ ସମୟରେ ହଳଦିଆ, ନାଲି ଅଥବା ଧଳା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିଲେ ସୋବର୍ ଲୁକ୍ ମିଳିବା ସହ ମନକୁ ବେଶ୍ ଶାନ୍ତି ଅନୁଭବ ହୋଇଥାଏ। ଖାସ୍‌କରି ଏହି ରଙ୍ଗର ଅନାରକଲି ସୁଟ୍‌କୁ ପୂଜାପର୍ବ ସମୟରେ ପିନ୍ଧିଲେ ନା କେବଳ ପାରମ୍ପରିକ ଲୁକ୍ ମିଳେ, ଅଧିକନ୍ତୁ ଏହା ଝିଅମାନଙ୍କ ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିଦେଇଥାଏ। ମହାଶିବରାତ୍ରୀ ଅବସରରେ ପିନ୍ଧିବା ପାଇଁ ଏହି ଟାଇପ୍‌ର ଆଉଟ୍‌ଫିଟ୍‌ଠାରୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ।
* **ଚନ୍ଦେରି ସିଲ୍କ ସୁଟ୍:** ମହାଶିବରାତ୍ରୀ ଅବସରରେ ଝିଅମାନେ ଯଦି କିଛି ନୂଆ ଟ୍ରାଏ କରିବାକୁ ଚିନ୍ତା କରୁଥାନ୍ତି, ତା'ହେଲେ ସେମାନଙ୍କ ପାଇଁ ଚନ୍ଦେରି ସିଲ୍କ ସୁଟ୍ ଅନ୍ୟ ଏକ ବେଷ୍ଟ ଅପ୍ସନ ମଧ୍ୟ ହୋଇପାରିବ। ଏହି ଟାଇପ୍‌ର ସୁଟ୍ ସାଙ୍ଗକୁ ସିଲ୍‌ଭର୍ ଜୁଏଲେରୀ ହେଉ କି ଅକ୍ସିଡାଇଜ୍ଡ ଜୁଏଲେରୀ ଖୁବ୍ ସୁନ୍ଦର ଦେଖାଯାଇଥାଏ।
* **ମିରର୍ ୱାର୍କ ସୁଟ୍:** ପୂଜାପାର୍ବଣ ସମୟରେ ନାଲି ରଙ୍ଗ ପିନ୍ଧିବା ଶୁଭ ହୋଇଥାଏ। ମହାଶିବରାତ୍ରୀ ପରି ଶୁଭ ଅବସରରେ ନାଲି ରଙ୍ଗର ମିରର୍ ୱାର୍କ ସୁଟ୍ ପିନ୍ଧିଲେ ନା କେବଳ ଲୁକ୍ ଆକର୍ଷଣୀୟ ଲାଗେ ବରଂ ଭିଡ଼ ଭିତରେ ସେମାନେ ସହଜରେ ବାରି ହୋଇଯାନ୍ତି। ଖାସ୍ କରି ଏହି ଆଉଟ୍‌ଫିଟ୍ ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ନେବା ସହ କଣ୍ଟ୍ରାଷ୍ଟ ଦୁପଟ୍ଟାକୁ ପେୟାର୍ କଲେ ଲୁକ୍ ତ ଆହୁରି ସୁନ୍ଦର ଦେଖାଯାଇଥାଏ।











ଅଙ୍କିତା

## ହାଃ ହାଃ

### ମୁଡ୍

ଝଗଡା ପରେ ସ୍ୱାମୀ ବାହାରକୁ ଯିବାବେଳେ ସ୍ତ୍ରୀ– କୁଆଡେ ଯାଉଛ ?

ସ୍ୱାମୀ– ସୁଇସାଇଡ୍ କରିବାକୁ।

ସ୍ତ୍ରୀ– ଠିକ୍ ଅଛି। ହେଲେ ଏଇ ବ୍ୟାଗ୍‌ଟା ନେଇକି ଯାଅ।

ସ୍ୱାମୀ(ଆଶ୍ଚର୍ଯ୍ୟ ହୋଇ)– କାହିଁକି ?

ସ୍ତ୍ରୀ– ଯଦି ସୁଇସାଇଡ୍ କରିବା ମୁଡ୍ ବଦଳିଯାଏ, କିଲେ ଆଳୁ ଓ କିଲେ ପିଆଜ ଆଣିଦେବ।

### ଶପଥ

ଶିକ୍ଷକ– ପିଲାମାନେ ଶପଥ ନିଅ ମଦ, ସିଗାରେଟ୍ ଛୁଇଁବନି।

ପିଲାମାନେ–ଛୁଇଁବୁନି।

ଶିକ୍ଷକ–ଝିଅ ଚକ୍କରରେ ପଡିବନି।

ପିଲାମାନେ– ପଡିବୁନି।

ଶିକ୍ଷକ–ଫେସ୍‌ବୁକ୍‌କୁ ସାଥୀ କରିବନି।

ପିଲାମାନେ– କରିବୁନି।

ଶିକ୍ଷକ– ଦେଶ ପାଇଁ ଜୀବନ ଦେବ।

ପିଲାମାନେ– ଜୀବନ ଦେଇଦେବୁ ସାର୍..। ଏଭଳି ଜୀବନ ଥାଇ ଲାଭ କ'ଣ ହେବ ଯେ।

### ତମ୍ବାଖୁ

ରାଧୁଆ ଦୁଇ ମିଟର ଲମ୍ବା ପାଇପ୍‌ରେ ହୁକ୍କା ଟାଣୁଥାଏ।

ରାଜେଶ ଏହା ଦେଖି– ଏତେ ଲମ୍ବା ପାଇପ୍‌ରେ ହୁକ୍କା କାହିଁକି ଟାଣୁଛୁ ?

ରାଧୁଆ– ଡାକ୍ତର ପରା ମତେ କହିଛନ୍ତି ତମ୍ବାଖୁଠୁ ଦୂରେଇ ରହିବାକୁ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନଭିଲ୍ଲା

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ପ୍ରସିଦ୍ଧ ଶୈବପୀଠ

# ନାଗେଶ୍ୱର ମନ୍ଦିର

**ଦେବ ଦେବ ମହାଦେବଙ୍କୁ ସମର୍ପିତ ନାଗେଶ୍ୱର ମନ୍ଦିର ହେଉଛି ଏକ ପବିତ୍ର ଶୈବପୀଠ। ଭାରତରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଏହା ଅନ୍ୟତମ...**







ନାଗେଶ୍ୱର ମନ୍ଦିର, ଯାହା ନାଗେଶ୍ୱର ଜ୍ୟୋର୍ତିଲିଙ୍ଗ ମନ୍ଦିର ଭାବେ ବି ଜଣାଶୁଣା। ଭାରତରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଏହା ଅନ୍ୟତମ। ଦେବ ଦେବ ମହାଦେବଙ୍କର ଏହି ଲୋକପ୍ରିୟ ଶୈବପୀଠଟି ପ୍ରକୃତପକ୍ଷେ କେଉଁଠାରେ ଅବସ୍ଥିତ ତାହାକୁ ନେଇ ବିଦ୍ୱାନମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିବା ଦେଖିବାକୁ ମିଳେ। କିଏ କୁହନ୍ତି, ଏହା ମହାରାଷ୍ଟ୍ରର ଔନ୍ଧା ନାଗନାଥଠାରେ ଅବସ୍ଥିତ ତ ଆଉ କିଏ କୁହନ୍ତି ଏହି ଜ୍ୟୋର୍ତିଲିଙ୍ଗର ସମ୍ପର୍କ ଉତ୍ତରାଖଣ୍ଡର ଅଲମୋଡ଼ା ଜିଲା ଅନ୍ତର୍ଗତ ଜାଗେଶ୍ୱର ଧାମ ସହ ରହିଛି। ସେହିପରି ଆଉ କେତେକ ବିଦ୍ୱାନ ଏହି ମନ୍ଦିରର ଅବସ୍ଥିତି ଗୁଜରାଟର ଦ୍ୱାରକାଠାରେ ଥିବା ଦାବି କରିଥାନ୍ତି। ଖାସ୍ ଏହି କାରଣ ପାଇଁ ଏହି ଜ୍ୟୋର୍ତିଲିଙ୍ଗ ମନ୍ଦିରର ସଠିକ୍ ଅବସ୍ଥିତି କେଉଁଠି ତାହା କହିବା ସହଜ କଥା ନୁହେଁ। ତଥାପି ଗୁଜରାଟର ଦେବଭୂମି ଦ୍ୱାରକା ଜିଲାରେ ଏହି ମନ୍ଦିରର ଅବସ୍ଥିତିକୁ ନେଇ ଅଧିକ ପୌରାଣିକ ପ୍ରମାଣ ମିଳିଥାଏ। ଭାରତରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଏହା ଗୋଟିଏ ହୋଇଥିବାରୁ ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ। ବିଶେଷକରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାରେ ଶ୍ରଦ୍ଧାଳୁଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳିଥାଏ।

**ପ୍ରଭୁଙ୍କ ଆର୍ବିଭାବକୁ ନେଇ କିମ୍ବଦନ୍ତୀ**

କିମ୍ବଦନ୍ତୀ ଅନୁଯାୟୀ, ସୁପ୍ରିୟ ନାମକ ଜଣେ ବେପାରୀ ଭଗବାନ ଶିବଙ୍କର ପରମ ଭକ୍ତ ଥିଲେ। ଜଣେ ଧର୍ମାତା ପୁରୁଷ ଓ ସଦାଚାରୀ ବ୍ୟକ୍ତି ଭାବେ ତାଙ୍କୁ ସମସ୍ତେ ଆଦର କରୁଥିଲେ। କିନ୍ତୁ ତାଙ୍କର ଏହି ଭକ୍ତିଭାବକୁ ଦାରୁକ ନାମକ ଜଣେ ରାକ୍ଷସ ଆଦୌ ପସନ୍ଦ କରୁ ନଥିଲେ। ରାକ୍ଷସ ପ୍ରକୃତି ଯୋଗୁ ଭଗବାନ ଶିବଙ୍କ ଉପରେ ବି ସେ ରାଗୁଥିଲେ। ସେଥିପାଇଁ ସେ ସବୁବେଳେ ସୁଯୋଗ ଅପେକ୍ଷାରେ ରହୁଥିଲେ, କେମିତି ସୁପ୍ରିୟଙ୍କୁ ସେ ଅସୁବିଧାରେ ପକାଇବେ। ଥରେ କୌଣସି କାର୍ଯ୍ୟରେ ସୁପ୍ରିୟ ନୌକା ଯୋଗେ ଜଳମାର୍ଗରେ ଯାତ୍ରା କରୁଥିବା ସମୟରେ, ଦାରୁକ ରାକ୍ଷସ ତାଙ୍କ ଉପରକୁ ଆକ୍ରମଣ କରିବା ଆରମ୍ଭ କରିଦେଲେ। ନୌକାରେ ଥିବା ସମସ୍ତ ଲୋକଙ୍କ ସମେତ ସୁପ୍ରିୟଙ୍କୁ ବି ସେ ଅପହରଣ କରି ନେଇ ବନ୍ଦୀ କରିଦେଲେ। ବନ୍ଦୀ ଭାବେ ରହି ମଧ୍ୟ ସୁପ୍ରିୟ ନିଜ ପ୍ରଭୁ ଦେବ ଦେବ ମହାଦେବଙ୍କୁ ସୁମରଣା କରିବା ଛାଡ଼ି ନଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନ୍ୟ ବନ୍ଦୀମାନେ ମଧ୍ୟ ଶିବ ମହାପ୍ରଭୂଙ୍କୁ ଆରାଧନା କରିବାକୁ ଲାଗିଲେ। ବନ୍ଦୀଶାଳାରେ ଦେବ ଦେବ ମହାଦେବଙ୍କର ଜୟ ଜୟକାର ଶୁଣି ଦାରୁକ ରାକ୍ଷସ ଖୁବ୍ କ୍ରୋଧିତ ହୋଇ ସୁପ୍ରିୟଙ୍କୁ ଜୀବନରୁ ମାରିଦେବା ପାଇଁ ନିଜ ଅନୁଗତ ମାନଙ୍କୁ ଆଦେଶ ଦେଲେ। ମରିବା ଖବର ଶୁଣି ବି ଆଦୌ ବିଚଳିତ ହୋଇନଥିଲେ ସୁପ୍ରିୟ କି ଶିବଙ୍କର ଆରାଧନା କରିବା ବି ବନ୍ଦ କରି ନଥିଲେ। ସୁପ୍ରିୟଙ୍କର ଏଭଳି ଭକ୍ତିଭାବରେ ପ୍ରସନ୍ନ ହୋଇ ଭଗବାନ ଭୋଳାନାଥ ଜ୍ୟୋର୍ତିଲିଙ୍ଗ ସ୍ୱରୂପରେ ସେହି ବନ୍ଦୀଶାଳାରେ ପ୍ରକଟ ହୋଇ ସୁପ୍ରିୟଙ୍କୁ ନିଜର ଏକ ପରମ ଅସ୍ତ୍ର ପ୍ରଦାନ କରିଥିଲେ। ଯେଉଁ ଅସ୍ତ୍ର ସହାୟତାରେ ସୁପ୍ରିୟ ଦାରୁକ ରାକ୍ଷସ ଏବଂ ତାଙ୍କର ସମସ୍ତ ଅନୁଗତମାନଙ୍କୁ ମାରି ବନ୍ଦୀଥିବା ସମସ୍ତ ନିରିହ ଲୋକଙ୍କୁ ମୁକ୍ତି କରି ଦେଇଥିଲେ। ଏହି ଘଟଣା ପରେ ଭଗବାନ ଶିବଙ୍କ ଆଦେଶ ଅନୁସାରେ ଉକ୍ତ ଜ୍ୟୋର୍ତିଲିଙ୍ଗର ନାମ ନାଗେଶ୍ୱର ରଖାଯାଇଥିଲା। ସେବେଠାରୁ ଏହି ନାମରେ ଏଠାରେ ପ୍ରଭୁଙ୍କୁ ପୂଜା କରାଯାଉଥିବା ବିଶ୍ୱାସ ରହିଛି।

**ମନ୍ଦିରର ଗଠନଶୈଳୀ**


ନାଗେଶ୍ୱର ମନ୍ଦିରରେ କେବଳ ଦେବ ଦେବ ମହାଦେବ ପୂଜା ପାଇଥାନ୍ତି ତାହା ନୁହେଁ ଦେବୀ ପାର୍ବତୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ମନ୍ଦିରର ବ୍ୟବସ୍ଥା ଏଠାରେ ରହିଛି। ତା'ଛଡ଼ା ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହି ମନ୍ଦିର ନିକଟରେ ଥିବା ଭଗବାନ ଶିବଙ୍କର ଧ୍ୟାନମୁଦ୍ରାର ଏକ ବିଶାଳ ପ୍ରତୀମା। ପ୍ରଭୁଙ୍କର ଏହି ବିଶାଳ ପ୍ରତୀମା ପାଇଁ ପ୍ରାୟ ୨/୩ କି.ମି ଦୂରରୁ ବି ଭକ୍ତଗଣ ମନ୍ଦିରଟି କେଉଁଠି ରହିଛି ତାହା ସହଜରେ ଜାଣି ପାରନ୍ତି। ସେହିପରି ଏହି ମନ୍ଦିରର ମୁଖ୍ୟଦ୍ୱାର ସାଧାରଣ ହେଲେ ବି ଖୁବ୍ ସୁନ୍ଦର ଦେଖାଯାଇଥାଏ। ଅପୂର୍ବ ପ୍ରାକୃତିକ ପରିବେଶ ଭିତରେ ଥିବା ଏହି ମନ୍ଦିରରେ କିଛି ସମୟ ବିତାଇଲେ ମନକୁ ବେଶ୍ ଶାନ୍ତି ମିଳିଥାଏ। ମନ୍ଦିରର ଗର୍ଭଗୃହକୁ ଯିବା ପୂର୍ବରୁ ଏକ ସଭାଗୃହ ପଡିଥାଏ ; ଯେଉଁଠାରେ ପ୍ରଭୂଙ୍କ ପୂଜା ପାଇଁ ବିଭିନ୍ନ ପୂଜା ସାମଗ୍ରୀ ଦୋକାନମାନଙ୍କରେ ବିକ୍ରି କରାଯାଇଥାଏ।

**କେବେ ଓ କେମିତି ଯିବେ**

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାକୁ ଗଲେ ମନ୍ଦିରର ତଥା ପ୍ରଭୂଙ୍କର ଅପୂର୍ବ ସାଜସୃଙ୍ଗାର ଦେଖିବାର ସୁଯୋଗ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଜାମ୍‌ନଗର ଏୟାରପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଦ୍ୱାରକା ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ।



# ସମ୍ବର ସହ ଶାମ୍ଭାଜୀ ମହାରାଜାଙ୍କ ସମ୍ପର୍କ



**ସମ୍ବର, ଦକ୍ଷିଣ ଭାରତର ବହୁ ଲୋକପ୍ରିୟ ଖାଦ୍ୟ। ସେ ଇଡ୍‌ଲି ହେଉକି ଦୋସା ଅବା ବରା କି ସାଦା ଭାତ ସବୁର ସ୍ୱାଦ ବଢ଼ିଯାଏ ସମ୍ବର ସହ ଖାଇଲେ। ତେବେ ଜାଣନ୍ତି କି ଦକ୍ଷିଣ ଭାରତର ଏହି ଲୋକପ୍ରିୟ ଖାଦ୍ୟର ଉତ୍ପତ୍ତି କିନ୍ତୁ ଦକ୍ଷିଣ ଭାରତରେ ହୋଇ ନ ଥିଲା ବୋଲି କୁହାଯାଏ । ଆଉ ସବୁଠୁ ବଡ଼ କଥା ହେଉଛି ଏହି ଖାଦ୍ୟର ସମ୍ପର୍କ ଛତ୍ରପତି ଶାମ୍ଭାଜୀ ମହାରାଜଙ୍କ ସହ ରହିଛି। ତେବେ କେମିତି ଜାଣନ୍ତୁ ସେ ସମ୍ପର୍କରେ...**

ସମ୍ବର ପ୍ରଥମେ କେଉଁଠି ପ୍ରସ୍ତୁତ ହୋଇଥିଲା ତା'ର ଇତିହାସ ସ୍ପଷ୍ଟ ନୁହେଁ। ହେଲେ କିଛି ତଥ୍ୟ କହେ ଦକ୍ଷିଣ ଭାରତର ଏହି ଲୋକପ୍ରିୟ ଖାଦ୍ୟର ଉତ୍ପତ୍ତି ଦକ୍ଷିଣ ଭାରତରେ ନୁହେଁ। ବରଂ ସମ୍ବର ସର୍ବପ୍ରଥମେ ତିଆରି ହୋଇଥିଲା ଥାଞ୍ଜାଭୁର, ମରାଠା ସାମ୍ରାଜ୍ୟ ସମୟରେ। ଆଉ ଥାଞ୍ଜାଭୁରର ଶାସକ ସାହୁଜୀ ପ୍ରଥମଙ୍କ ରାଜକୀୟ ରୋଷେଇଶାଳରେ ହୋଇଥିଲା।

କାହାଣୀ ଏହିପରି ଯେ, ଛତ୍ରପତି ଶାମ୍ଭାଜୀ ମହାରାଜ ଯେକି ଛତ୍ରପତି ଶିବାଜୀଙ୍କ ଜ୍ୟେଷ୍ଠପୁତ୍ର ଥରେ ଥାଞ୍ଜାଭୁର ଯାଇଥାନ୍ତି। ତାଙ୍କୁ ଏକ ଭିନ୍ନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷିବା ଲାଗି ରାଜ ରୋଷେୟା ଅବା ସାହୁଜୀ ୧ମ ନିଜେ ଏହି ନୂଆ ଡିଶ୍‌କୁ କରିଥାଇପାରନ୍ତି ବୋଲି କୁହାଯାଏ। ଏମିତି ବି କୁହାଯାଏ ସାହୁଜୀ ପ୍ରଥମ ନିଜେ ଜଣେ ଭଲ ରୋଷେୟା ଥିଲେ। ସେଦିନ ସେ ଆମ୍‌ତି ଡାଲ୍ ତିଆରି କରୁଥିଲେ, ଯାହାକୁ ସେ କୋକମରେ ପ୍ରସ୍ତୁତ କରନ୍ତି। ହେଲେ ସେଦିନ ସେ କୋକମ ପାଇ ନ ଥିଲେ, ତେନ୍ତୁଳି ପାଇଲେ। ତେଣୁ ସେ ସେହି ତେନ୍ତୁଳିରେ ହିଁ ଆମ୍‌ତି ଡାଲ ପ୍ରସ୍ତୁତ କଲେ। ସେଥିରେ ପୁଣି କିଛି ପନିପରିବା ବି ପକାଇଲେ। ଆଉ ପ୍ରସ୍ତୁତ ହେଇଗଲା ପରେ ସେହି ନୂଆ ବ୍ୟଞ୍ଜନକୁ ସେ ଶାମ୍ଭାଜୀ ମହାରାଜଙ୍କୁ ପରଷିଥିଲେ। ଶାମ୍ଭାଜୀଙ୍କୁ ସେହି ବ୍ୟଞ୍ଜନଟି ବହୁତ ଭଲ ଲାଗିଥିଲା। ତେଣୁ ସାହୁଜୀ ପ୍ରଥମ ଏହି ନୂଆ ଖାଦ୍ୟର ନାମ ଶାମ୍ଭାଜୀଙ୍କ ନାମାନୁସାରେ 'ସମ୍ବର' ରଖିଥିଲେ ବୋଲି କୁହାଯାଏ।

ଆଉ କେହି କେହି କୁହନ୍ତି, ଶାମ୍ଭାଜୀଙ୍କ ମୁଖ୍ୟ ରୋଷେୟା ଦିନକ ପାଇଁ ଛୁଟିରେ ଥିବାରୁ ଶାମ୍ଭାଜୀ ନିଜେ ହିଁ ମୁଗ ଡାଲି ବଦଳରେ ହରଡ ଡାଲି ଓ କୋକମ ସ୍ଥାନରେ ତେନ୍ତୁଳି ଓ କିଛି ପରିବା ପକାଇ ଏହି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଯାହାକୁ ଖାଇବା ପରେ ସମସ୍ତେ ବହୁତ ପସନ୍ଦ କରିଥିଲେ। ତେଣୁ ଏହି ବ୍ୟଞ୍ଜନର ନାମ ତାଙ୍କ ନାମାନୁସାରେ କରାଯାଇଥିଲା।

ସୌରିଶ ଭଟ୍ଟାଚାର୍ଯ୍ୟ 'ଦ ବ୍ଲୁମ୍‌ସବରି ହ୍ୟାଣ୍ଡବୁକ୍ ଅଫ୍ ଇଣ୍ଡିଆନ କୁଜିନ' ପୁସ୍ତକରେ ଲେଖିଛନ୍ତି ଯେ, ସାହୁଜୀ ପ୍ରଥମଙ୍କ ପିତା ଇକୋଜୀ ପ୍ରଥମ ଓ ଛତ୍ରପତି ଶିବାଜୀ ମହାରାଜ ଦୁହେଁ ସାବତ ଭାଇ ଥିଲେ। ତେଣୁ ଦୁଇ ପରିବାର ଭିତରେ ସମ୍ପର୍କ ସେତେଟା ଭଲ ନ ଥିଲା। ଏହି ସମ୍ପର୍କ ସୁଧାରିବା ତଥା ଦୁଇ ପରିବାର ଭିତରେ ସୁସମ୍ପର୍କ ଫେରାଇଆଣିବା ଲାଗି ସାହୁଜୀ ପ୍ରଥମ ଏହି ନୂଆ ସୁସ୍ୱାଦୁ ବ୍ୟଞ୍ଜନର ନାମ ଶାମ୍ଭାଜୀଙ୍କ ନାମାନୁସାରେ କରିଥାଇ ପାରନ୍ତି।





# ଯୋଡି ଜମାଏ ଏହି ଟ୍ରେନ୍

ଚାଇନାରେ ଲିଙ୍ଗଗତ ବ୍ୟବଧାନ ଅଧିକ। ଆଉ ଏହାର କାରଣ ହେଉଛି ପୂର୍ବେ ଏଠାରେ ଲାଗୁ କରାଯାଇଥିବା ଏକକ ସନ୍ତାନ ଯୋଜନା। ଯଦିଓ ଏହି ଯୋଜନାକୁ ୨୦୧୬ରେ ଉଠାଇ ନିଆଯାଇଛି, ତେବେ ଏହି ନିୟମ ପାଇଁ ସେତେବେଳେ ଅନେକେ କନ୍ୟା ଭ୍ରୁଣକୁ ନଷ୍ଟ କରିଛନ୍ତି। ଫଳରେ ଏଠାରେ ପୁରୁଷ ସଂଖ୍ୟା ନାରୀଠାରୁ ଖୁବ୍ ବେଶି। ଏହାର ପ୍ରଭାବରେ ଏବେ ଚାଇନାରେ ପ୍ରାୟ ୨୦୦ ମିଲିୟନ ଅବିବାହିତ ବ୍ୟକ୍ତି ଅଛନ୍ତି। ଏହି ଏକାକୀ ଜୀବନକୁ ନେଇ ଅନେକେ ଦୁଃଖିତ ମଧ୍ୟ। ଏବେ ଏହା ଏକ ବିରାଟ ସମସ୍ୟାର ରୂପ ନେଇଛି। କୁହାଯାଉଛି ଆଗାମୀ ୩୦ ବର୍ଷ ଭିତରେ ୩୦ ମିଲିୟନ ଚାଇନା ପୁରୁଷଙ୍କୁ ଝିଅ ମିଳିବ ନାହିଁ। ଏହାକୁ ନଜରରେ ରଖି ୨୦୧୬ରେ ଆରମ୍ଭ ହୋଇଥିଲା ୧୦ ବଗି ବିଶିଷ୍ଟ ଏକ ସ୍ୱତନ୍ତ୍ର ରେଳସେବା, ଯାହାର ନାଁ ୱାଇ୯୯୯ଲଭ୍ ପରସୁଟ୍ ଟ୍ରେନ୍। ଏଥିରେ ଯୁବତୀ ଯୁବକଙ୍କୁ ଦୁଇ ଦିନ ଓ ଗୋଟିଏ ରାତିର ଯାତ୍ରା କରିବାର ସୁବିଧା ଦିଆଯାଏ। ଏହି ଯାତ୍ରା ଚଙ୍ଗକିଙ୍ଗ ନର୍ଥ ଷ୍ଟେସନରୁ ଆରମ୍ଭ ହୁଏ, କିଆନଜିଆଙ୍ଗରେ ଶେଷ ହୁଏ। ଯାତ୍ରାବେଳେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଦାନ କରାଯାଏ ଓ ବିଭିନ୍ନ ଖେଳ ଖେଳିବାର ବ୍ୟବସ୍ଥା ଅର୍ଗାନାଇଜର୍‌ମାନେ କରିଥାଆନ୍ତି। ଯେମିତିକି ଯୁବତୀ ଯୁବକ ପରସ୍ପରକୁ ଭଲଭାବେ ଚିହ୍ନିପାରିବେ। ଇତି ମଧ୍ୟରେ ଅନେକ ଯୁବତୀଯୁବକ ଏଥିରେ ଯାତ୍ରା କରିସାରିଲେଣି। ଆଉ ଏହି ଯାତ୍ରା ମାଧ୍ୟମରେ ଅନେକେ ବିବାହ ବି କରିଛନ୍ତି।



# ଦେବତା, ଭଗବାନ୍ ଓ ଈଶ୍ୱର



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

( ଭାଗ -୭ )

ଦେବକୀର ପୁତ୍ରମାନଙ୍କୁ ଗୋଟିକ ପରେ ଗୋଟିକୁ କଚାଡ଼ି ମାରିବା ବା ଦେବକୀ - ବସୁଦେବଙ୍କୁ କାରାଗାରରେ ରଖି ମାନସିକ ଯନ୍ତ୍ରଣା ଦେବା ଅପେକ୍ଷା କଂସ ଯଦି ଉଭୟଙ୍କୁ ଅଲଗା ଅଲଗା କୋଠରିରେ ରଖିଥାନ୍ତା ତେବେ ସେମାନଙ୍କର ସନ୍ତାନ ସୃଷ୍ଟି ସମ୍ଭବ ହୋଇ ନ ଥାନ୍ତା । ନିରୀହ ଶିଶୁ ହତ୍ୟା ଦୋଷରେ କଂସକୁ ଭାଗୀଦାରି ହେବାକୁ ପଡି ନ ଥାନ୍ତା । ଅଷ୍ଟମ ଗର୍ଭ ପ୍ରତି କଂସର ଭୟ ଆଉ ରହି ନ ଥାନ୍ତା - ଏ ପଦକ୍ଷେପଟି କଂସ ମନରେ କାହିଁକି ଢୁକିଲା ନାହିଁ ? ଯଦି ବା ଢୁକିଲା ତେବେ ସେଇ ପଦ୍ଧତିକୁ ସେ କାହିଁକି ପ୍ରୟୋଗ କଲା ନାହିଁ ? ସେ ବାବଦରେ ଆମେ ଗତ ସ୍ତମ୍ଭରେ ଆପଣମାନଙ୍କୁ କହିଥିଲୁ । ସେ ସନ୍ଦର୍ଭକୁ ପାଠ କରି ଆମେ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ଜ୍ଞାନୀ, ପଣ୍ଡିତ ଆଉ ବିଦ୍ୱାନ ପାଠକଙ୍କ ଠାରୁ ବହୁ ଫୋନ କଲ୍ ପାଇଛୁ । ସମସ୍ତେ ଏପରି ଆଲୋଚନାକୁ ଢେର ପ୍ରଶଂସା କରିଛନ୍ତି ମଧ୍ୟ ।

ଜଣେ ପାଠକ ଫୋନରେ କହିଲେ ଯେ' ଆଜ୍ଞା, ମୋ ମନରେ ଗୋଟିଏ ସନ୍ଦେହ ଉଙ୍କିମାରୁଛି । କଥାରେ ଅଛି - ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ । ଜାଣନ୍ତି ସୁଜ୍ଞାନୀ ପଣ୍ଡିତ । ଯାହା ଅଛି ପିଣ୍ଡେ ତାହା ଅଛି ବ୍ରହ୍ମାଣ୍ଡେ । ଭଗବାନ୍ ଶ୍ରୀକୃଷ୍ଣ ଅନ୍ୟ କେଉଁ ସ୍ଥାନରେ ଜନ୍ମ ନ ହୋଇ ମଥୁରାରେ ଜନ୍ମ ହେବାର ରହସ୍ୟ କ'ଣ ଏବଂ ରାତ୍ରିକାଳରେ ମଥୁରାରୁ ଗୋପନରେ ଗୋପପୁରକୁ କାହିଁକି ଗଲେ ? କ'ଣ ଦିନରେ ଜନ୍ମ ହୋଇ ଗୋପକୁ ଯାଇଥିଲେ ହୋଇ ନ ଥାନ୍ତା ? ଏସବୁ ଘଟଣା ସହିତ ଆମ ପିଣ୍ଡର କ'ଣ ସମ୍ପର୍କ ଅଛି ବା ପିଣ୍ଡ ଭିତରେ ଏହି ତତ୍ତ୍ୱକୁ ଆମେ କେମିତି ବୁଝି ପାରିବା ?

ସେଇ ବ୍ୟକ୍ତିଙ୍କ ଏଇ ପ୍ରଶ୍ନଟି ଆଦୌ ନାକରା ନୁହେଁ । ପିଣ୍ଡକୁ ନେଇ ବ୍ରହ୍ମାଣ୍ଡର ସୃଷ୍ଟି । ପିଣ୍ଡରେ ଯାହା ଯାହା ଅଛି, ସେସବୁ ବ୍ରହ୍ମାଣ୍ଡରେ ଅଛି । ପିଣ୍ଡରେ ସୂକ୍ଷ୍ମ ବା ତତ୍ତ୍ୱ ଭାବରେ ଅଛି କିନ୍ତୁ ବ୍ରହ୍ମାଣ୍ଡରେ ବ୍ୟାପକ ଆଉ ବିସ୍ତାରିତ ଭାବରେ ଅଛି । ବ୍ରହ୍ମାଣ୍ଡର କଥାକୁ ଶୁଣିବାକୁ ଭଲ ଲାଗେ । କିନ୍ତୁ ପିଣ୍ଡ କଥାଟି ସମସ୍ତଙ୍କୁ ଭଲ ଲାଗେନା । ବ୍ରହ୍ମାଣ୍ଡ କଥାରେ ରସ ଥାଏ କିନ୍ତୁ ପିଣ୍ଡ କଥାଟି ନିରସ ବୋଲି ଅନେକ ଅନୁଭବ କରନ୍ତି । ବ୍ରହ୍ମାଣ୍ଡ ଅପେକ୍ଷା ପିଣ୍ଡ ଶ୍ରେଷ୍ଠ ଆଉ ମହାନ୍ । ବ୍ରହ୍ମାଣ୍ଡରେ ବୁଲୁଥିଲେ ସେମିତି ବୁଲୁଥିବ । କୂଳକିନାରା କିଛି ପାଇବ ନାହିଁ । କିନ୍ତୁ ପିଣ୍ଡରେ ସବୁ ସମସ୍ୟାର ସମାଧାନ ଥାଏ । ଅଳ୍ପରେ ସବୁ କିଛିକୁ ବୁଝିହୋଇଯାଏ । ଗୋଟିଏ ଉଦାହରଣ ନିଆଯାଉ । ଆମେ ସମସ୍ତେ ରାମାୟଣ ପଢ଼ିଛେ । ରାମାୟଣରେ ଯାହା ଯାହା ବର୍ଣ୍ଣନା ଅଛି, ତା'ର ସୂକ୍ଷ୍ମ ତତ୍ତ୍ୱଟି ପିଣ୍ଡରେ ଅଛି । ବନରେ ଚାଲୁଥିବାବେଳେ ଆଗରେ କିଏ, ମଝିରେ କିଏ ଏବଂ ଶେଷରେ କିଏ ଥାଆନ୍ତି ? ଆମେମାନେ ସମସ୍ତେ ଦେଖିଛେ ଯେ ଆଗରେ ପ୍ରଭୁ ଶ୍ରୀରାମ, ମଝିରେ ବୈଦେହୀ ସୀତା ଏବଂ ଶେଷରେ ଲକ୍ଷ୍ମଣ ହିଁ ଥାଆନ୍ତି । ଖୁବ୍ ପିଲାଦିନେ ଲେଖକ ଭାବୁଥିଲା ଏମିତି କ୍ରମ କାହିଁକି ? ଆଗରେ ଲକ୍ଷ୍ମଣ କାହିଁକି ରହିଲେ ନାହିଁ ? ଲକ୍ଷ୍ମଣ ତ ପ୍ରଭୁଙ୍କ ପଦସେବକ । ମୁଖ୍ୟମନ୍ତ୍ରୀ ବା ରାଜ୍ୟପାଳଙ୍କ ଗାଡ଼ିକୁ ସବା ଆଗରେ ପୋଲିସ ପାଇଲଟ ଭ୍ୟାନ୍ ବାଟ କଢ଼ାଇ ନେବା ପରି ଲକ୍ଷ୍ମଣ ଆଗରେ ରହିବା କଥା । ପାଇଲଟ ଗାଡ଼ିର କାମ ହେଉଛି ଦୁଇଟି । ମନ୍ତ୍ରୀଙ୍କୁ ବାଟ ଦେଖାଇ ନେବ ଏବଂ ଆଗକୁ ଯଦି କିଛି ବିପଦ ଥାଏ ତେବେ ତାହାକୁ ପ୍ରଥମେ ସେ ସମ୍ମୁଖୀନ ହୋଇ ନିଜ ମୁନିବଙ୍କୁ ସୁରକ୍ଷା ଦେବ । ଲକ୍ଷ୍ମଣ ସେମିତି ଆଗରେ ରହି ପ୍ରଭୁ ରାମଙ୍କ ପାଇଁ ପଥ ପରିଷ୍କାର କରିବା ସହିତ ବିପଦକୁ ଆଗୁଆ ସମ୍ମୁଖୀନ ହୋଇ ନିଜ ପ୍ରଭୁଙ୍କୁ ସୁରକ୍ଷା ଦେଇଥାନ୍ତେ । ଖୁବ୍ ଭଲ ହୋଇଥାନ୍ତା । କିନ୍ତୁ ନା, ରାମ, ଲକ୍ଷ୍ମଣ ଓ ସୀତା କେଉଁ କ୍ରମରେ ଚାଲିବେ ତାହା ମୋର କିମ୍ବା ଆପଣମାନଙ୍କ କଥାରେ ନିର୍ଣ୍ଣିତ ହେବନି । ପିଣ୍ଡରେ ଯାହା ଚାଲିଛି, ଠିକ୍ ସେଇ କ୍ରମରେ ହିଁ ହେବ । ପିଣ୍ଡରୁ ହିଁ ବ୍ରହ୍ମାଣ୍ଡର ଉତ୍ପତ୍ତି । ଏବେ ଶୁଣନ୍ତୁ ପିଣ୍ଡର ତତ୍ତ୍ୱକଥାଟି କ'ଣ । ପ୍ରଭୁ ରାମ ହେଉଛନ୍ତି ପରମ ବା ପରମାତ୍ମା । ଲକ୍ଷ୍ମଣ ହେଉଛନ୍ତି ଜୀବର ପ୍ରତୀକ । ସୀତା ହେଉଛନ୍ତି ମାୟା । ଆଗରେ ପରମାତ୍ମା, ମଝିରେ ମାୟା ଏବଂ ଶେଷରେ ଜୀବ । ଜୀବ ଯଦି ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛାକରିବ ତେବେ ତାକୁ ପ୍ରଥମେ ମାୟାକୁ ଅତିକ୍ରମ କରିବାକୁ ପଡ଼ିବ । ମାୟାକୁ କାଟିଲେ ହିଁ ପରମାତ୍ମା ମିଳିବେ । ପୃଥିବୀରେ ସିଦ୍ଧିଲାଭ କରିଥିବା ପ୍ରତ୍ୟେକ ମହାପୁରୁଷଙ୍କୁ ପ୍ରଥମେ ମାୟାକୁ ହିଁ କାଟିବାକୁ ପଡ଼ିଛି । ଦେଖନ୍ତୁ ଗୌତମ ବୁଦ୍ଧଙ୍କ କଥା । ତାଙ୍କ ପାଖରେ କ'ଣ ନ ଥିଲା । ଗୋଟିଏ ଛୋଟ ଅଞ୍ଚଳର ୱାର୍ଡମେମ୍ବର ହେବା ପାଇଁ ଆଜିକାର ଲୋକମାନଙ୍କର କି ବିକଳିଆ ପ୍ରୟାସ । ନିର୍ବାଚନ ଆସିଗଲେ ସାମାନ୍ୟ କର୍ପୋରେଟର ପଦବୀ ପାଇଁ ପାଞ୍ଚ ଦାବିଦାର ମୈଦାନକୁ ଚାଲିଆସନ୍ତି । କିନ୍ତୁ ଉତ୍ତରାଧିକାର ସୂତ୍ରରେ ଗୌତମଙ୍କ ହାତରେ ଥିଲା ପିତା ଶୁଦ୍ଧୋଦନଙ୍କ ବିଶାଳ ରାଜ୍ୟର ମାଲିକାନା । ରାଜ୍ୟରୁ ବଛା ହୋଇଥିବା ଏକ ସୁନ୍ଦରୀ ଝିଅ ସହ ତାଙ୍କ ବିବାହ କରାଯାଇଥିଲା । ଏକ ସୁନ୍ଦର ପୁଅ ବି ତାଙ୍କର ଥିଲା । ଧନ ରତ୍ନ, କ୍ଷମତା ସବୁଥିଲା ହାତପାହାନ୍ତାରେ । ଏଗୁଡିକ ସବୁ ହେଲେ ମାୟା । ଏହାର ଆକର୍ଷଣରେ ବାନ୍ଧି ନ ହୋଇ ଦିନେ ଅର୍ଦ୍ଧରାତ୍ରିରେ ଘର ଛାଡି ପଳେଇଲେ । ପ୍ରଚଣ୍ଡ ସାଧନା କରି ବୁଦ୍ଧତ୍ୱ ଅର୍ଥାତ୍ ପରମାତ୍ମାଙ୍କୁ ସେ ପ୍ରାପ୍ତ ହେଲେ ।



ଗୌତମ ବୁଦ୍ଧଙ୍କ ଜନ୍ମ ସମୟରେ ଜ୍ୟୋତିଷମାନେ ଗଣନା କରି ରାଜାଙ୍କୁ କହିଥିଲେ - ଏ ପିଲାଟି ଦିନେ ଘରଦ୍ୱାର ଛାଡ଼ିଚାଲିଯିବ । ଏହାକୁ ରୋଗୀ, ବୃଦ୍ଧ, ଶବ ଓ ସନ୍ୟାସୀ - ଏହି ଚାରି ଜଣଙ୍କ ସହିତ କେବେ ଭେଟାଭେଟି କରାଇବ ନାହିଁ । ସେଇ ଚାରିଜଣଙ୍କଠୁ ଦୂରରେ ରହିବା ପାଇଁ ରାଜା ସକଳ ପ୍ରକାର ବ୍ୟବସ୍ଥା କରିଥିଲେ ବି ନିୟତିର ଅଦୃଶ୍ୟ ବିଧାନକୁ ଏଡ଼ାଇ ଦିଆଯାଇ ପାରି ନ ଥିଲା । ନିୟତି ପୂର୍ବରୁ ଯାହା ନିର୍ଣ୍ଣୟ କରିଥାଏ ସେହି ଅନୁସାରେ ହିଁ ସବୁ କାର୍ଯ୍ୟ ହୁଏ । ଉଜ୍ଜୟିନୀର ରାଜା ଭର୍ତ୍ତୃହରିଙ୍କ ଭାଷାରେ-

ଗଜଭୁଜଙ୍ଗମବନ୍ଧନଂ ଶଶିଦିବାକରୟୋର୍ଗ୍ରହପୀଡ଼ନମ୍ ।
ମତିମତାଞ୍ଚ ନିରୀକ୍ଷ୍ୟ ଦରିଦ୍ରତାଂ ବିଧିରହୋ ବଳବାନ୍ ଇତି ମେ ମତିଃ ॥

ଏହାର ଅର୍ଥ ବି ବେଶ୍ ସରଳ । ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣ ସମୟରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ରାହୁ କଷ୍ଟ ଦିଏ । ହାତୀ ଏବଂ ସର୍ପ ପରି ବିରାଟ ଓ ଭୟଙ୍କର ଜୀବମାନେ ମଧ୍ୟ ବନ୍ଧନ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି । ଅତି ପଣ୍ଡିତ ଏବଂ ସର୍ବ ଶାସ୍ତ୍ର ବିଶାରଦ ବିଜ୍ଞଜନମାନଙ୍କୁ ବି ବେଳେ ବେଳେ ଦାରିଦ୍ରତା ଗ୍ରାସ କରେ । ଏଥିରୁ ପ୍ରମାଣିତ ଯେ ବିଧାତା ଉପରେ ଆଉ କେହି ବଡ଼ ନାହାନ୍ତି । ଗଣକବି ବୈଷ୍ଣବ ପାଣି ମଧ୍ୟ କହିଛନ୍ତି - ଦଇବର କଥା କିଏ ସେ କହିବ ବହି ଏ ମାନବ ଅଙ୍ଗ । ଆପ୍ତେ ତା'ର ଗାଇ, ଗଳେ ରଶି ଦେଇ ଓଟାରି ଦେଖେ ଏ ରଙ୍ଗ ।

ଶୁଦ୍ଧୋଦନ ଯେତେ ଯାହା ସୁରକ୍ଷା ବ୍ୟବସ୍ଥା କଲେ ବି ବିଧାତାର ଇଚ୍ଛା ବଳରେ ଉପରୋକ୍ତ ଚାରି ଜଣଙ୍କୁ ଦେଖି ଗୌତମଙ୍କ ମନରେ ଭାବାନ୍ତର ସୃଷ୍ଟିହେଲା । ପରେ ସବୁକିଛିକୁ ତ୍ୟାଗକରି ପରମାତ୍ମାଙ୍କ ପଥର ପଥିକ ହୋଇଗଲେ ସେ । ଆମେ ନିଇତି ଗଣ୍ଡାଗଣ୍ଡା ରୋଗୀ, ବୃଦ୍ଧ, ଶବ ଓ ସନ୍ୟାସୀଙ୍କୁ ଦେଖିଲେ ବି ଆମମାନଙ୍କ ମନରେ ସେମିତି କିଛି ଭାବାନ୍ତର ଆସେନି । ଆମେ ଓଲଟି ମୋ ପୁଅ, ମୋ ଝିଅ, ମୋ ପରିବାର, ମୋ ଘର ବୋଲି କହି ସେମାନଙ୍କୁ କୁଣ୍ଢାଇ ଧରି ବେଶ୍ ଆନନ୍ଦରେ ଅଛୁ । ସେମାନଙ୍କଠାରୁ ଗୋଇଠା ମାଡ଼ ଖାଉଥିଲେ ବି ତାହା ଆମକୁ ଅମୃତ ଭଳି ଲାଗୁଥିବାରୁ ସେମାନଙ୍କୁ ଆମେ ଛାଡି ପାରୁନୁ ।

ଛାଡ଼ ସେକଥା । ପ୍ରକୃତ କଥା ହେଉଛି ସଂସାରର ମାୟାକୁ ନ କାଟିଲେ ଆମେ ପରମାତ୍ମାଙ୍କ ନିକଟରେ ପହଞ୍ଚି ପାରିବା ନାହିଁ । ଖାସ୍ ଏଇ କଥାଟିକୁ ସାଧାରଣ ମଣିଷର ମଗଜରେ ପୂରାଇବା ପାଇଁ ରାମାୟଣରେ ରାମ, ସୀତା ଓ ଲକ୍ଷ୍ମଣଙ୍କ କ୍ରମକୁ ସେଇ ଧାରାରେ ହିଁ ରଖାଯାଇଛି । ଏହା ହେଉଛି ତତ୍ତ୍ୱ କଥା । ସେଦିନ ସତ୍‌ସଙ୍ଗରେ ବସିଥିବାବେଳେ କେଜାଣି କାହିଁକି ଆଲୋଚନା ଭିତରକୁ ଢିଙ୍କିଟି ପଶି ଆସିଲା । ଏବେକାର ପିଲା ଢିଙ୍କି କହିଲେ କିଛି ବୁଝି ପାରିବେ ନାହିଁ । ଆଗେ ପ୍ରତି ଗାଁରେ ବେଶି ନ ହେଲେ ବି ଅନ୍ତତଃ ଦୁଇ ଚାରି ଜଣଙ୍କ ଘରେ ଢିଙ୍କି ଥିଲା । ଆମ ଘରେ ବି ଏକ ଢିଙ୍କି ଥିଲା । ପୂନେଇଁ ପରବ ସମୟରେ ଗାଁର କିଛି ଲୋକ ଚାଉଳ କୁଟି ଚୂନା କରିବା ପାଇଁ ଆମ ଘରକୁ ଆସନ୍ତି । ପରେ ଗ୍ରାଇଣ୍ଡର ଆଦି ଜିନିଷ ବଜାରକୁ ଆସିବାରୁ ଢିଙ୍କି ଅଲୋଡ଼ା ହୋଇଗଲା । ଘରର ଗୋଟିଏ କୋଣରେ ପଡ଼ିରହିବାରୁ ତା' ଉପରେ ଉଇଙ୍କ ଉତ୍ପାତ ଆରମ୍ଭ ହୋଇଗଲା । ଢିଙ୍କିର ସତ୍ତାକୁ ପୂରା ହଜାଇ ଦେଲେ ସେମାନେ । ଏବେ ତାହା ସାତ ସପନ । ଢିଙ୍କିକୁଟା ଚାଉଳ ବା ଚୁଡାର ସ୍ୱାଦ କାହିଁରେ କ'ଣ । ଢିଙ୍କି ଉପରେ କଥା ପରେ ଜଣେ କହି ଉଠିଲେ - ଆଜ୍ଞା, ଆପଣ ତ କୁହନ୍ତି ସଂସାରରେ ଯାହା ଅଛି ତାହା ଆମ ଶରୀରରେ ବି ଅଛି । ଶରୀର ଭିତରେ ଢିଙ୍କି କେଉଁଠି ଅଛି ଟିକେ କୁହନ୍ତୁ ?

ହଁ, ଆମ ଶରୀରରେ ବି ଗୋଟିଏ ଢିଙ୍କି ଅଛି । ଏହା ସମସ୍ତଙ୍କ ଶରୀରରେ ଥିଲେ ବି ଦେଖିବାବାଲାଙ୍କ ସଂଖ୍ୟା ଟିକେ କମ୍ । ତତ୍ତ୍ୱଦର୍ଶୀ ହେଲେ ହିଁ ଜଣେ ଏହାକୁ ଦେଖିପାରିବ । ଜଣେ ଏହାକୁ ଦେଖିଥିଲେ । କିଏ ସେ ? ସେ ହେଉଛନ୍ତି ଜଗଦ୍‌ଗୁରୁ ଠାକୁର ଅଭିରାମ ପରମହଂସ । ସେ ଲେଖିଲେ-ଢିଙ୍କି ବସିଛିରେ ଶିଶୁ ବେଦ ଘରେ ଯାଇ, ଢିଙ୍କିର ଶବଦ ଅଟେ ବଡ଼ ଭେଦ ବ୍ରହ୍ମା ଶିବ ନ ପାଆଇ । ଠାକୁର କହିଲେ ଶରୀର ଭିତରେ ଶିଶୁ ବେଦ ଘରେ ଢିଙ୍କି ଅଛି । ଏହାର ଭେଦ ପାଇବା ବଡ଼ କଠିନ । ଢିଙ୍କି ଯଦି ଅଛି ତେବେ ଏହା ସ୍ଥିର ହୋଇ ଅଛି ନା ପାହାର ପକାଉଅଛି ? ଇୟେ ବି ଗୋଟେ ପ୍ରଶ୍ନ । ଏହାର ଉତ୍ତର ଦେବାକୁ ଯାଇ ଅଭିରାମ ପରବର୍ତ୍ତୀ ପଦରେ କହିଲେ - ଏକବିଂଶ ସସ୍ର ଛଅ ଶତ ପ୍ରହାରେ ଧାନ ହୁଅଇ ଚାଉଳ, ଧନ୍ୟ ସେ କୁଟୁଣୀ ଧାନ କୁଟୁଅଛି ତିଳେ ନାହିଁ ଅବସର । ଶିଶୁ ବେଦ ଘରେ ଥିବା ଢିଙ୍କି ଦିନକୁ ଏକୋଇଶ ହଜାର ଛଅ ଶହ ଥର ପ୍ରହାର ପକାଇ ଧାନରୁ ଚାଉଳ ବାହାର କରୁଅଛି ।


ମଥୁରା ନାମକ ସ୍ଥାନରେ ରାତ୍ରିରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମ ହେବାର ତାତ୍ତ୍ୱିକ ପ୍ରସଙ୍ଗରେ ଆମେ ଆସନ୍ତା ଥରରେ ଆଲୋଚନା ରଖିବା ।

*-ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ, ରାମନଗର,*
*ତେଲେଙ୍ଗାପେଣ୍ଠ, କଟକ,*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### କବି ଗୋଦାବରୀଶ


**ମୂଳଲେଖା - ଅଧ୍ୟାପକ ଚିନ୍ତାମଣି ଦାଶ, ସମ୍ପାଦନା ଓ ସଂକଳକ - ଡକ୍ଟର ରଶ୍ମିରଞ୍ଜନ ମହାପାତ୍ର, ପ୍ରକାଶକ - ଚିନ୍ତାମଣି ସ୍ମୃତି ପରିଷଦ, ସତ୍ୟବାଦୀ ସାକ୍ଷୀଗୋପାଳ, ପୁରୀ ମୂଲ୍ୟ -ଟ୨୫୦ଙ୍କା**



ସତ୍ୟବାଦୀ ଯୁଗର କୋକିଳ କବି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାବ୍ୟକବିତାକୁ ନେଇ ଲେଖକ ଚିନ୍ତାମଣି ଦାଶଙ୍କ ''କବି ଗୋଦାବରୀଶ'' ଗ୍ରନ୍ଥର ଅଧୁନା ଏକ ପରିମାର୍ଜିତ ଓ ପରିବର୍ଦ୍ଧିତ ରୂପ ପ୍ରକାଶ ପାଇଛି । ଏଥିରେ ବିଶେଷ କରି ପଣ୍ଡିତ ଗୋଦାବରୀଶ ମିଶ୍ର ନିଜର ଛଦ୍ମନାମ ''ଶ୍ରୀ ପ୍ରବାସୀ'' ରଖି ୧୯୧୭ ମସିହାରେ ପ୍ରକାଶ କରିଥିବା ''ଶେଷ ଅବକାଶେ'' ଦୀର୍ଘ କବିତାଟିକୁ ଡକ୍ଟର ମହାପାତ୍ର ଏଥିରେ ସ୍ଥାନୀତ କରି ଏହାର ଗୌରବକୁ ଦ୍ୱିଗୁଣିତ କରିଛନ୍ତି । ଆଶାକରୁ, ଓଡ଼ିଶାର ଅଗଣିତ ପାଠକ ମହଲରେ ଏହା ବିଶେଷ ଆଦୃତ ହେବ ।

### ବୁର୍ଲା ଡାଏରୀ ଓ ଅନ୍ୟାନ୍ୟ ସୃଜନ

**ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାମଲ, ପ୍ରକାଶକ- ଡାକ୍ତର ଜ୍ୟୋତିର୍ମୟୀ ଜେନା, କପିଳ ପ୍ରସାଦ, ଭୁବନେଶ୍ୱର-୨, ମୂଲ୍ୟ- ୨୫୦ଟଙ୍କା**



ବୁର୍ଲା ଡାଏରୀରେ ୧୦ଟି ବିଷୟରେ ଆଲୋଚନା କରାଯାଇଛି । ଏଥିରେ ବୁର୍ଲା ଡାଏରୀ, ସମୟ ସ୍ରୋତରେ ଗ୍ରାମ୍ୟ ଜୀବନ, ଉତ୍ତର ପିଢିଙ୍କ ଅନୁଚିନ୍ତା, ମାଆର ମାହାତ୍ମ୍ୟ, ନୀତି ଆଦର୍ଶର ପ୍ରତୀକ ଆମ ବାପା, ବରିଷ୍ଠଙ୍କ ଜୀବନଚର୍ଯ୍ୟା: ଏକ ଅନୁଶୀଳନ, ବାର୍ଦ୍ଧକ୍ୟର ଅସଜଡା ଅନୁଚିନ୍ତା, ଜୀବନ ଜୀଇଁବାର କଳା, ବିଦ୍ୟାଳୟରେ ନୀତିଶିକ୍ଷା ଓ ସମ୍ପର୍କ ଓ ଯୋଗାଯୋଗର ମହତ୍ତ୍ୱ ବିଷୟରେ ଡାକ୍ତର ସାମଲ ଆଲୋଚନା କରିଛନ୍ତି । ସେ ବୁର୍ଲା ମେଡିକାଲ କଲେଜରେ ଶିଶୁରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିବା ସମୟରେ ବୁର୍ଲାକୁ ଭଲ ଭାବେ ଦେଖିଛନ୍ତି ; ଯାହା ଏ ପୁସ୍ତକରେ ରହିଛି ।

ବ୍ୟାକ୍ ପେଜ୍

# ଚର୍ଚ୍ଚ ଟ୍ୟାଙ୍କ



ଯୁଦ୍ଧରେ ବ୍ୟବହାର ହେଉଥିବା ଟ୍ୟାଙ୍କ ରକ୍ତପାତର କଥା କହେ। ଯୁଦ୍ଧ ବିଭୀଷିକାର କାହାଣୀ ଶୁଣାଏ। ତେବେ ଆମେରିକାର କଳାକାର କ୍ରିଶ୍ କୁକ୍ଶି ଏହି ଟ୍ୟାଙ୍କକୁ ନେଇ ଏଭଳି ସ୍ଥାପତ୍ୟ ଗଢିଛନ୍ତି ଯାହା ବେଶ ଭାବାତ୍ମକ। ସେହି ଯୁଦ୍ଧ ଟ୍ୟାଙ୍କ ଉପରେ ସୁନ୍ଦର ଚର୍ଚ୍ଚ ତିଆରି କରିଛନ୍ତି। ଯାହାର କାରୁକାର୍ଯ୍ୟ ବେଶ୍ ଚମତ୍କାର। ତାଙ୍କ କାରିଗରି ଯେମିତି ସୁନ୍ଦର ସେ ଏଥିରେ ଦେବାକୁ ଚାହୁଁଥିବା ବାର୍ତ୍ତା ବି ବେଶ୍ ଉଚ୍ଚକୋଟୀର। ଏହି କଳା ମାଧ୍ୟମରେ ସେ ଲୋକଙ୍କ ଭିତରେ ଧର୍ମୀୟ ଭାବନା ଭରିବାକୁ ଚାହୁଁଛନ୍ତି। ଆଜିକାର ବସ୍ତୁବାଦୀ ଓ ସ୍ୱାର୍ଥଭରା ଦୁନିଆରେ ସେ କହିବାକୁ ଚାହିଁଛନ୍ତି 'ଯୁଦ୍ଧଠୁ ଉର୍ଦ୍ଧ୍ୱରେ ଧର୍ମ'। ରକ୍ତପାତ ଛାଡି ଧର୍ମର ପଥ ଅନୁସରଣ କଲେ ଜୀବନରେ ଶାନ୍ତି ମିଳିବ।



# ଚଢେଇଙ୍କୁ ଦାନା ଦେବେ, ଫଟୋ ବି ଉଠାଇବେ



ଏବେ ଆଉ ସକାଳୁ ସକାଳୁ ଶୁଭୁନି ଚଢେଇଙ୍କ କଳରବ। କାରଣ ଦିନକୁ ଦିନ କମିଯାଉଛି ଚଢେଇଙ୍କ ସଂଖ୍ୟା। ଏହାକୁ ନଜରରେ ରଖି କେହି କେହି ଘର ବାହାରେ ଚଢେଇ ବସା ସହ ଚଢେଇଙ୍କ ପାଇଁ ଦାନା ଓ ପାଣି ରଖୁଛନ୍ତି। ୱାସରଷ୍ଟେଇନ୍ ହେଉଛନ୍ତି ଜଣେ ଡିଜାଇନର୍ ଯେକି ଖାସ୍ ଚଢେଇଙ୍କ ପାଇଁ ତିଆରି କରିଛନ୍ତି ଏମିତି ଏକ ବସା ଯେଉଁଥିରେ ଚଢେଇଙ୍କ ପାଇଁ ଖାଦ୍ୟ ଓ ଜଳ ତ ରହେ। ତା'ସହ ରହୁଛି ଏକ କ୍ୟାମେରା। 'ବାର୍ଡ ଫିଡ଼ର ନେଷ୍ଟ' ନାମକ ଏହି ବସାରେ ଚଢେଇ ଆସି ଖାଦ୍ୟ ଖାଇବା ସହ ପାଣି ପିଇବା ବେଳର ସୁନ୍ଦର ଦୃଶ୍ୟ କ୍ୟାମେରାରେ କଏଦ ହେଇଯିବ। ତା'ସହ ଚଢେଇଙ୍କର ଆହୁରି ଅନେକ ପ୍ରକାର ପୋଜ୍‌ର ଫଟୋ ବି ବେଶ୍ ଆରାମରେ ମିଳିଯିବ। ଏହି କ୍ୟାମେରାକୁ ଏଭଳି ଭାବେ ଉକ୍ତ ବସାରେ ରଖାଯାଇଛି ଯେ, ଖରା, ବର୍ଷା, ଶୀତ ସବୁ ସମୟରେ କ୍ୟାମେରା ସୁରକ୍ଷିତ ରହିବ। ଏହି ବସାକୁ ସହଜରେ କାନ୍ଥ ଓ ଗଛରେ ରଖିବାର ବ୍ୟବସ୍ଥା ରହିଛି। ଏହା ସୌରଶକ୍ତି ଦ୍ୱାରା ଚାଲେ। ତେଣୁ ଏଥିରେ ଚଢେଇମାନଙ୍କର ନନ୍‌ଷ୍ଟପ୍ ହାଇ ରିଜୋଲ୍ୟୁଶନ ଫଟୋ ଉଠାଯାଇପାରିବ।



# ଘର ଛାତରେ ଘାସ ଗାଲିଚା

ନିଜର ଏକ ଛୋଟିଆ ଘର କରିବା ସମସ୍ତଙ୍କର ଇଛା ଥାଏ, ଯାହା ଆଗରେ ସୁନ୍ଦର ସବୁଜ ଘାସ ଗାଲିଚା ଓ ଛୋଟ ବଗିଚାଟିଏ ଥିବ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି କିନ୍ତୁ ଏମିତି ଏକ ଘର କରିଛନ୍ତି ଯାହା ସାମ୍‌ନାରେ ତ ଘାସ ଗାଲିଚା ଓ ବଗିଚା ଅଛି, ଏହାବାଦ ସେ ନିଜ ଘରର ଛାତକୁ ପୁରାପୁରି ଘାସ ଗାଲିଚାରେ ରୂପାନ୍ତରିତ କରିଦେଇଛନ୍ତି। ସବୁଜ ଘାସରେ ଆଚ୍ଛାଦିତ ଏହି ସୁନ୍ଦର ଘର ବ୍ରାଜିଲ, ସାଓ ପାଉଲୋର ପୋର୍ତ୍ତୋ ଫେଲିଜ୍‌ରେ ଅଛି। ଯାହାକୁ ଡିଜାଇନ କରିଛି ଷ୍ଟୁଡ଼ିଓ ଏମ୍‌କେ୨୭। ଆଉ ଏକ ଆଶ୍ଚର୍ଯ୍ୟର କଥା 'ପ୍ଲାନାର ହାଉସ୍' ନାମକ ଏହି ଘରର ବଡ଼ ଛାତଟି କେବଳ ଚାରି କାନ୍ଥ ଉପରେ ରହିଛି। ଏଥିରେ କୌଣସି ସପୋର୍ଟିଂ ବିମ୍ ନାହିଁ। ଏହାର ଛାତରେ ସବୁଜ ଛନ ଛନିଆ ଘାସ ଗାଲିଚା ସହ ପନିପରିବା ଚାଷ ବି କରାଯାଇଛି। ସୋଲାର ପାନେଲ ରହିଛି। ଏହି ଘରେ ପିଲାଙ୍କ ଖେଳିବା ଘର, ରୋଷେଇ ଘର, ଜିମ୍, ଲିଭିଂ ରୁମ୍ ସହ ପାଞ୍ଚୋଟି ବେଡରୁମ୍ ଅଛି।